# ୮୦ ଲକ୍ଷ ଟଙ୍କାର ୧୬ଟି ପ୍ରକଳ୍ପ ଶିଳାନ୍ୟାସ ଓ ଉଦ୍‌ଘାଟନ

**ଗୋପ, ୩।୩ (ସମିସ)**

ଗାଁ ଗାଁରେ ହେଉଛି ବିକାଶ। ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚୁଛି ସରକାରୀ ଯୋଜନା। ଗାଁରେ ସହରର ପ୍ରତିଛବି ଦେଖିବାକୁ ମିଳିଛି। ୬ଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକଙ୍କୁ ନିର୍ବାଚିତ କଲେ ପୂର୍ବ ଭଳି ବିକାଶ ପ୍ରକ୍ରିୟା ଜାରି ରହିବ। ଗାଁ ଗାଁରେ କୋଠଘର, ଦେବାଳୟ, ବିଦ୍ୟାଳୟ, ରାସ୍ତାଘାଟ ସବୁର ଉନ୍ନତିକରଣ କାର୍ଯ୍ୟ ଜାରି ରହିଛି। ଆଗକୁ ମଧ୍ୟ ଜାରି ରହିବ। ରବିବାର ଗୋପ ବ୍ଲକର ୪ଟି ପଞ୍ଚାୟତରେ ୧୩ଟି ପ୍ରକଳ୍ପ ଉଦ୍‌ଘାଟନ ଓ ୩ଟି ପ୍ରକଳ୍ପର



ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ନାଗପୁର ପଞ୍ଚାୟତର ଗୋଠପଡ଼ିଆ ମେଳାଘର ଛକ ସ୍ପୋର୍ଟସ କ୍ଲବ୍‌ର ଶିଳାନ୍ୟାସ କରିଥିବା ବେଳେ, ବନ୍ତଲୀ ପଞ୍ଚାୟତର ତରହଣା କୋଠଘର, ତରହଣା ତାରାଦେବୀ ମନ୍ଦିର, ସୁଦ୍ରୁଖଣ୍ଡ କୋଠଘର, ବିଜିପୁର କୋଠଘର, କୁରୁଜଙ୍ଗ ଅଙ୍ଗନବାଡ଼ି କେନ୍ଦ୍ର, କୁରୁଜଙ୍ଗ କୋଠଘରର ଉଦ୍‌ଘାଟନ କରିଥିଲେ। ସେହିପରି ଗଣେଶ୍ୱରପୁର ପଞ୍ଚାୟତରେ ସୁବର୍ଣ୍ଣପୁର ଭଗବତୀ ମଣ୍ଡପ, ଗଳଦରୀ କ୍ଷେତ୍ରପାଳି ବିଶ୍ରାମଗାର ଉଦ୍‌ଘାଟନ କରାଯାଇଥିବା ବେଳେ ମହିଳା ଜିପିଏଲଏଫ୍ ମାର୍କେଟ ବିଲ୍ଡିଂର ଶିଳାନ୍ୟାସ ସହ ସଙ୍ଗାରିଆ ସାରଲେଇ ବିଶ୍ରାମଗାର ଶିଳାନ୍ୟାସ କରାଯାଇଥିଲା। ଅନୁରୂପ ଭାବେ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତ ତାରିଣୀ ମନ୍ଦିର ଦିହୁଡ଼ାର ଶିଳାନ୍ୟାସ, ଗାଦିବ୍ରହ୍ମ ପାଚେରୀ ଅଣ୍ଡରା ଉଦ୍‌ଘାଟନ, ସାନମଠ କୋଠଘର, ଜଗନ୍ନାଥ ସେବାଶ୍ରମ ଉଦ୍‌ଘାଟନ କରାଯାଇଥିଲା। ବିଧାୟକଙ୍କ ମାରାଥାନ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ୍, ବ୍ଲକ ବିଜୁ ଜନତା ଦଳ ସଭାପତି ମଧୁସୂଦନ ପାଇକରାୟ, ନଗର ବିଜୁ ଜନତା ଦଳ ସଭାପତି ଜୀବନାନନ୍ଦ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟା ସରୋଜିନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସନ୍ଦେହଘେରରେ ହରିଣର ମୃତ୍ୟୁ



**ନିମାପଡ଼ା, ୩।୩(ସମିସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତ ବଡରିକିଲୋ ଗାଁ ମୁଣ୍ଡରୁ ଏକ ମୃତ ହରିଣକୁ ବନ ବିଭାଗ ଜବତ କରିଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଗଶାଳଦା ପଞ୍ଚାୟତ ବଡରିକିଲୋ ଗାଁ ମୁଣ୍ଡରେ ଏକ ହରିଣ ମରିପଡ଼ିଥିବା ଦେଖି ଗାଁ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଁଞ୍ଚିଠିଚ ମୃତ ହରିଣଟିକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ହରିଣଟିର କେମେତି ମୃତ୍ୟୁ ଘଟିଛି ଜଣାପଡ଼ିନାହିଁ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କଣାସ, ୩।୩(ସମିସ):** କଣାସ ବ୍ଲକ ସରକାରୀ ଉପ୍ରା ବିଦ୍ୟାଳୟ ରମେଶ୍ୱରର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ସାହୁଙ୍କର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକ ଦିବ୍ୟସିଂହପୁର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକକାଳୀନ ସଭାରେ ବ୍ଲକ ସହଶିକ୍ଷାଧିକାରୀ ସୁଧାଂଶୁମଞ୍ଜରୀ ଦେବୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଆଲୁମିନି ସଭାପତି ଚକ୍ରଧର ତ୍ରିପାଠୀ, ବେଙ୍ଗକବି କାଶିନାଥ ପାଣିଗ୍ରାହୀ, ରମେଶ ଚନ୍ଦ୍ର ବିଶ୍ୱାଳ, ପ୍ରଦିପ କୁମାର ପରିଡ଼ା, ସଲିଳ କୁମାର ସ୍ୱାଇଁ, ସନ୍ତୋଷ କୁମାର ବେହେରା, ଶାନ୍ତାନୁ କୁମାର ମଲ୍ଲିକ୍, ବିଭୂତି ଭୂଷଣ ଦାସ, ରମାକାନ୍ତ ପୂରହିତ, କମଲଲୋଚନ ପ୍ରଧାନ ଅତୀଥିରୂପେ ଯୋଗଦେଇ ସମାଜଗଠନରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିରଞ୍ଚି ନାରାୟଣ ପଟ୍ଟନାୟକ, ରାକେଶ କୁମାର ତ୍ରିପାଠୀ, ଦେବାଶିଷୀ ରଥ ପ୍ରତେକ୍ଷ ତତ୍ତ୍ୱାବଧାନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।



## ଦେଶବନ୍ଧୁ ବିଶ୍ୱାଳଙ୍କ ନାମରେ ଖେଳପଡ଼ିଆ ଉଦ୍‌ଘାଟିତ



**ନିମାପଡ଼ା, ୩।୩(ସମିସ)**

କନ୍ତିଆ ଗ୍ରାମର ବିଶିଷ୍ଟ ସମାଜସେବୀ ତଥା ପୂର୍ବତନ ଆଦର୍ଶ ପ୍ରଧାନଶିକ୍ଷକ ସ୍ୱର୍ଗତ ଦେଶବନ୍ଧୁ ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ପରିବାର ସଦସ୍ୟ ଓ ଗ୍ରାମର ନିଳକଣ୍ଠେଶ୍ୱର ଯୁବକ ସଂଘର ସଦସ୍ୟଙ୍କ ମିଳିତ ଉଦ୍ୟମରେ ତାଙ୍କ ନାମରେ ଏକ ଖେଳ ପଡ଼ିଆ ଉଦ୍‌ଘାଟିତ ହୋଇଯାଇଛି। ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ କନ୍ତିଆ ଗ୍ରାମର ବିଶିଷ୍ଟ ସମାଜସେବୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଲକ୍ଷ୍ମୀଧର ମହାନ୍ତି, ଅମିନ ଚନ୍ଦ୍ର ପଣ୍ଡା, ବିପ୍ର ଚରଣ ଦାଶ, ବଟକୃଷ୍ଣ ପରିଡ଼ା, ହରେକୃଷ୍ଣ ବିଶ୍ୱାଳ, ଭକ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଖେଳପଡ଼ିଆକୁ ଉଦ୍‌ଘାଟନ କରିଥିଲେ। ଗ୍ରାମରେ ୫ଏକର ବିଶିଷ୍ଟ ଏହି ଖେଳ ପଡ଼ିଆ ପାଇଁ ଅନୁପଯୋଗୀ ହୋଇପଡ଼ିଥିଲା। ଗ୍ରାମାଞ୍ଚଳରେ ଖେଳର ବିକାଶ ସାଙ୍ଗକୁ ଗାଁର ପିଲାମାନେ ଖେଳିବା ପାଇଁ ସ୍ୱର୍ଗତ ଶ୍ରୀ ବିଶ୍ୱାଳଙ୍କ ସୁପୁତ୍ରମାନେ ତାଙ୍କ ନିଜସ୍ୱ ଖର୍ଚ୍ଚରେ ଖେଳପଡ଼ିଆଟିକୁ ନିର୍ମାଣ କରିଛନ୍ତି। ଏହି ଖେଳ ପଡ଼ିଆଟି ହେବା ଦ୍ୱାରା ଗ୍ରାମର ପିଲାମାନେ ଏଠାରେ ବିଭିନ୍ନ ପ୍ରକାର ଖେଳକୁଦ କରିପାରିବେ। ଉକ୍ତ କାର୍ଯ୍ୟକ୍ରମରେ ଅମୀୟ ବିଶ୍ୱାଳ, ଦୀନବନ୍ଧୁ ବିଶ୍ୱାଳ, ଅଶିଷ ବିଶ୍ୱାଳ, ଅମିତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯୁବକସଂଘର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ପଡ଼ିଆରେ ଚାରିପଟେ ବୃକ୍ଷରୋପଣ କରାଯାଇଥିଲା। ପରେ ଉକ୍ତ ପଡ଼ିଆରେ ଗ୍ରାମର ସିନିୟର ଓ ଜୁନିୟର କ୍ରୀକେଟ ଟିମ୍ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଖେଳ ହୋଇଥିଲା।

## ୧୬ ହଜାର ୭୬ ଶିଶୁଙ୍କୁ ଦିଆଗଲା ପୋଲିଓ



**ଗୋପ, ୩।୩ (ସମିସ):** ପଲ୍‌ସ ପୋଲିଓ କାର୍ଯ୍ୟକ୍ରମରେ ରବିବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ୭୬ଟି ସ୍ଥାନରେ ପୋଲିଓ କେନ୍ଦ୍ରର ବ୍ୟବସ୍ଥା କରାଯାଇଥିବା ବେଳେ ଜନ୍ମରୁ ୫ ବର୍ଷ ମଧ୍ୟରେ ଶିଶୁଙ୍କୁ ପଲ୍‌ସ ପୋଲିଓ ଦିଆଯାଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ଜସ୍ମିନ୍ ଆଫ୍ରୋଜ ବିଭିନ୍ନ କେନ୍ଦ୍ର ଗସ୍ତ କରି ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଥ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ୩୦୪ଜଣ ପୋଲିଓ କର୍ମୀ ନିଯୁକ୍ତି ହୋଇଥିବା ବେଳେ ୧୭ଜଣ ପୋଲିଓ ସୁପର ଭାଇଜର ନିଯୁକ୍ତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେଶ ପ୍ରଧାନ, ବିପିଏମ୍ କୃତିବିଭା ମହାନ୍ତି ପରିଚାଳନା କରିଥିଲେ।

## ୫ ଡକାୟତ ଗିରଫ, ମାରଣାସ୍ତ୍ର ଜବତ

**ବଳଙ୍ଗା, ୩।୩(ସମିସ)**

ବଳଙ୍ଗା ପୁଲିସ ରାତ୍ରକାଳୀନ ପାଟ୍ରୋଲିଂ କରୁଥିବା ସମୟରେ କିଛି ବ୍ୟକ୍ତି ଗୋପୀନାଥ ପୁର ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ନିକାଞ୍ଚନ ସ୍ଥାନରେ ବସି ଡକାୟତି ପାଇଁ ମସୁଧା କରୁଥିବା ଖବର ପାଇଥିଲା। ତୁରନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ଆଣିଥିଲେ। ପଚରାଉଚରା ପରେ ସେମାନେ ନିଜ ଠିକଣା ସହିତ ନିକଟରେ ଡକାୟତି ପାଇଁ ପ୍ରସ୍ତୁତ ହେଉଥିବା ସ୍ୱୀକାର କରିଥିଲେ। ଗିରଫ ଡକାୟତମାନେ ନିଆଳି ଥାନା ଅଞ୍ଚଳର ରହିଲ ସାହା, ସାହିଲ ସାହା, ବଳଙ୍ଗା ଥାନା ଅଞ୍ଚଳର ଯୁଧିଷ୍ଠିର ଲେଙ୍କା, ଡେଲାଙ୍ଗ ଥାନା ଅଞ୍ଚଳର ସାଗର ନାୟକ,



ପିପିଲି ଥାନା ଅଞ୍ଚଳର ବଳଦେବ ନାୟକ ପ୍ରମୁଖ। ପୁଲିସ ସମସ୍ତଙ୍କୁ ଗିରଫ କରିବା ସହିତ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ଦୁଇଟି ଅଫୁଟା ବୋମ, ଖଣ୍ଡା, ଲୁହା ରଡ ଓ ବ୍ଲେଡ ପ୍ରଭୃତି ଜବତ କରାଯାଇଛି। ଆରକ୍ଷୀ ଉପ ନିରୀକ୍ଷକ କେଦାର ଚନ୍ଦ୍ର ଦୋରା ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଦିବ୍ୟ ରଞ୍ଜନ ପଣ୍ଡା ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି।

## ୪୭ ୟୁନିଟ୍ ରକ୍ତ ସଂଗ୍ରହ

**କାକଟପୁର/ଗମ୍ଭାରୀପଦା, ୩।୩(ସମିସ):** ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳଙ୍କ ନାତି ସ୍ନେହାସର ଜନ୍ମ ଦିନରେ ଏକ ରକ୍ତଦାନ ଶିବିର ସମର୍ପଣ ପୁରୀଙ୍କ ଦ୍ୱାରା ନିଜ ବାସଭବନ ନିକଟରେ କରାଇଛନ୍ତି। ଶିବିରକୁ ମୟୂରଭଞ୍ଜର ଡେପୁଟି କଲେକ୍ଟର ତଥା କବି ପ୍ରଭାତ କୁମାର ତରାଇ ଉଦ୍‌ଘାଟନ କରିଥିଲେ। ନିମାପଡ଼ା କଲେଜର ବାଣିଜ୍ୟ ବିଭାଗର ପ୍ରଧାପକ ପ୍ରସନ୍ନ କୁମାର ସ୍ୱାଇଁ, ୭ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ଦିକ୍ଷୀତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହିତ ପିଲାର ଦୀର୍ଘାୟୁ କାମନା କରିଥିଲେ। ଶିବିରରେ ମୋଟ ୪୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଆୟୋଜକ ସମର୍ପଣ ପୁରୀଙ୍କୁ ପ୍ରଦାନ କରାଯାଇଥିଲା।




## ଗାଁକୁ ଚାଲ ଅଭିଯାନରେ ଶତାଧିକ ଲୋକ ସାମିଲ



**ଡେଲାଙ୍ଗ, ୩।୩(ସମିସ):** ଡେଲାଙ୍ଗ-ପିପିଲି ବ୍ଲକର ସାଧାରଣ ଲୋକମାନଙ୍କର ବିଭିନ୍ନ ସମୟରେ ସୁବିଧା-ଅସୁବିଧାରେ ଠିଆ ହୋଇ ନିର୍ବାଚନ ମଣ୍ଡଳୀରେ ଏକ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି ସାମାଜିକକର୍ମୀ ସରୋଜ କୁମାର ପ୍ରଧାନ। ଲୋକମାନଙ୍କ ସୁବିଧା ଅସୁବିଧା ବୁଝିବା ପାଇଁ ଗାଁକୁ ଚାଲ ଅଭିଯାନ ଜରିଆରେ ପ୍ରତିଦିନ ବିଭିନ୍ନ ପଞ୍ଚାୟତ ବୁଲିବା ସହିତ ବିଭିନ୍ନ ସାଙ୍ଗଠନିକ ବୈଠକ ଜରିଆରେ ଲୋକଙ୍କ ସହିତ ସାକ୍ଷାତ କରି ସମସ୍ୟାର ସମାଧାନ କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ଡେଲାଙ୍ଗ ବ୍ଲକର କଲ୍ୟାଣପୁର, ଗୁଆଲିପଡ଼ା ପ୍ରମୁଖ ପଞ୍ଚାୟତ ମାନଙ୍କରେ ଆୟୋଜିତ ଗାଁକୁ ଚାଲ ଅଭିଯାନର ସାଙ୍ଗଠନିକ ବୈଠକରେ ଶାତାଧିକ ସ୍ଥାନୀୟଲୋକେ ସାମିଲ ହୋଇଛନ୍ତି। ଏହି ଅବସରରେ ସାମାଜିକକର୍ମୀ ଉମାକାନ୍ତ ଜେନା, ସଞ୍ଜୟ ମିଶ୍ର, ସଞ୍ଜୟ ଶତ୍‌ପଥି, ଅନିଲ କୁମାର ଜେନା, ଦାଶରଥି ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ଗ୍ରାମରେ ଲୋକମାନଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ।

## ଅଭିଳାଷ ବୃଦ୍ଧାଶ୍ରମର ବାର୍ଷିକ ଉତ୍ସବ

**ଖୋର୍ଦ୍ଧା, ୩।୩(ସମିସ):** ସ୍ଥାନୀୟ ଟାଙ୍ଗିଆପଡ଼ାସ୍ଥିତ ଅଭିଳାଷ ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକ ଉତ୍ସବ ଆଶ୍ରମ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡଃ ସଦାଶିବ ମହାରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ।ସ୍ୱର୍ଗତ ଅଭିଳାଷଙ୍କ ସ୍ମୃତିରେ ଗଢି ଉଠିଥିବା ବୃଦ୍ଧାଶ୍ରମର ଉତ୍ତୋରତର ଉନ୍ନତି କାମନା କରିଥିଲେ। ମୁଖ୍ୟବକ୍ତାଭାବେ ଆଦୃତ ଅନାଥଶ୍ରମର ପ୍ରତିଷ୍ଠାତା ପ୍ରଫେସର ଆଦିତ୍ୟ କୁମାର ମହାନ୍ତି, ସମ୍ମାନୀତ ଅତିଥିଭାବେ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ଅଭିଳାଷ ବୃଦ୍ଧାଶ୍ରମ ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ପାଉ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଅଭିଳାଷର ସ୍ମୃତିରେ ଏକ ସ୍ମରଣିକା 'ଅଭିଳାଷ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଅତିଥି ପରିଚୟ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଟ୍ରଷ୍ଟ ମୁଖ୍ୟ ଡଃ ପତିତପାବନ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାସୁଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି



**ନୟାହାଟ, ୩।୩(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଆଲୁଦଣ୍ଡା ପାଟଣା ଗ୍ରାମରେ ବାସୁଦେବଙ୍କ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହୋଇଯାଇଛି। ଆଲୁଦଣ୍ଡା ପାଟଣା ଗ୍ରାମର ସମାଜସେବୀ ଭାଗିରଥି ବେହେରାଙ୍କ ନେତୃତ୍ୱରେ ବିଶ୍ୱଶାନ୍ତି ମହାଯଜ୍ଞ ଚାରିଦିନ ଧରି ଚାଲିଥିଲା। କର୍ତ୍ତା ଭାବେ ନବଘନ ବେହେରା ଓ କର୍ତ୍ତି ଭାବେ ମାନସୀ ବେହେରା ଦାୟିତ୍ୱ ତୁଲାଇଥିଲେ। ସକାଳେ ସୂର୍ଯ୍ୟପୂଜା କରାଯାଇ ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇ ଯଜ୍ଞ କାର୍ଯ୍ୟ ଶେଷ ହୋଇଥିଲା।ମହାଯଜ୍ଞରେ ନାମ କୀର୍ତ୍ତନ ହରିବୋଲ ହୁଳହୁଳିରେ ଆଲୁଦଣ୍ଡା ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାତିରେ ପଣ୍ଡିତ ପତିତପାବନ ଦାସ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରବଚନ ଶୁଣିବା ପାଇଁ ସ୍ଥାନୀୟ ଅଞ୍ଚଳରୁ ବହୁ ଲୋକଙ୍କ ସମାବେଶ ହୋଇଥିଲା।

## ପିଇଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଡେଲାଙ୍ଗ, ୩।୩(ସମିସ):** ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଦୁର୍ଯ୍ୟୋଧନ ଜେନାଙ୍କ ଅବସରକାଳୀଣ ସମ୍ବର୍ଦ୍ଧନା ସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅୟୋଜିତ ହୋଇଯାଇଛି। ସରପଞ୍ଚ ବିଶ୍ୱନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ପୂର୍ବତନ ସମିତି ସଭ୍ୟ ପ୍ରଭାତ କୁମାର ଜେନା, ନାଏବ ସରପଞ୍ଚ ଲୋପାମୁଦ୍ରା ବେହେରା, ୱାର୍ଡସଭ୍ୟ ଅର୍ତ୍ତତ୍ରାଣ ଆଚାର୍ଯ୍ୟ, ଅନାମ ଚରଣ ସାହୁ, ସଭ୍ୟା ସୁମା ବେହେରା ପ୍ରମୁଖଙ୍କ ସହିତ ଶତାଧିକ ପଞ୍ଚାୟତବାସୀ ଉପସ୍ଥିତ ରହି ଶ୍ରୀ ଜେନାଙ୍କୁ ଅବସରକାଳୀଣ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଶ୍ରୀ ଜେନାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବିଭିନ୍ନ ପ୍ରକାର ଉପହାର ପ୍ରଦାନ କରାଯାଇଥିବା ବେଳେ ବିଶାଳ ବାଇକ୍ ଶୋଭାଯାତ୍ରା ଜରିଆରେ ବାସସ୍ଥାନ ସତ୍ୟବାଦୀ ବ୍ଲକ ମଧୂବନ ପର୍ଯ୍ୟନ୍ତ ଯାଇଥିଲେ। ପଞ୍ଚାୟତର ସଚିକାନ୍ତ ଜେନା, ନରହରୀ ବାରିକ, ରବୀନ୍ଦ୍ର ସ୍ୱାଇଁ, ସୋମନାଥ ସାହୁ, ମନୋଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧୮୪୨ ଶିଶୁ ପୋଲିଓ ବୁନ୍ଦା ଖାଇଲେ

**କଣାସ, ୩।୩(ସମିସ):** ଜାତୀୟ ପୋଲିଓ ଦିବସ କାର୍ଯ୍ୟକ୍ରମରେ କଣାସ ବ୍ଲକର ୮୦ଟି ପୋଲିଓ ବୁଥ୍‌ରେ ୧୧୮୪୨ଜଣ ଜନ୍ମରୁ ୫ବର୍ଷରୁ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। କଣାସ ବ୍ଲକର ୧୭୦ଜଣ ପୋଲିଓ କର୍ମୀ, ୭୮ଟି ବୁଥ୍ ଓ ଦୁଇଟି ପ୍ରାନଜିଟ୍ ବୁଥରେ ପିଲାମାନଙ୍କୁ ପୋଲିଓ ବୁନ୍ଦାଖାଇବାକୁ ଦେଇଥିଲେ। ଏସମ୍ପର୍କରେ ଗତ ୧ତାରିଖରେ ବ୍ଲକ ଅଧ୍ୟକ୍ଷା ପ୍ରଭାତି ରାଉତଙ୍କ ସଭାପତିତ୍ୱରେ ବ୍ଲକ ଟାକାସ୍‌ଫୋର୍ସ ବୈଠକ ହୋଇ ସମସ୍ତଙ୍କୁ ପୋଲିଓ ଦେବାପାଇଁ ଜନସଚେତନତା ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ ୧୧ଜଣ ବୁଥ୍ ସୁପରଭାଜର, ୪ଜଣ ଭ୍ୟାକ୍ସିନ୍ ହ୍ୟାଣ୍ଡଲର କାର୍ଯ୍ୟକରୁଥିବା ବେଳେ ବ୍ଲକସ୍ତରରୁ ଡାକ୍ତର ରମେଶ ଚନ୍ଦ୍ର ବେହେରା, ଡାକ୍ତର ବିଶ୍ୱରଞ୍ଜନ ଜେନା, ଧନେଶ୍ୱର ସ୍ୱାଇଁ ଏବଂ ସ୍ୱର୍ଣ୍ଣଲତା ପ୍ରମୁଖ ପୋଲିଓ ବୁଥ୍ ଗୁଡିକ ବୁଲି ଦେଖିଥିଲେ। ଆସନ୍ତା ୨ଦିନ ପୋଲିଓ କର୍ମୀମାନେ ଘରଘର ବୁଲି ଯାଞ୍ଚ କରିବେ ଏବଂ ଯଦି କୌଣସି ଶିଶୁ ପୋଲିଓ ବୁନ୍ଦା ଖାଇନଥିବେ ସେମାନଙ୍କୁ ପୋଲିଓ ବୁନ୍ଦା ଖାଇବାକୁ ଦେବେ। କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗାମ୍ ମ୍ୟାନେଜର୍ ଧନେଶ୍ୱର ସ୍ୱାଇଁ ଏବଂ କଳିଙ୍ଗ କୁମାର ଉପାଧେୟ ପରିଚାଳନା କରିଥିଲେ।

# ଅରାଙ୍ଗରେ ପୋଲିଓ ଦିବସ ଓ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା, ୩।୩(ସମିସ)**

ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ ଅରାଙ୍ଗ ଠାରେ ପୋଲିଓ ଦିବସ ପାଳିତ ହୋଇଯାଇଛି।ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡ଼ଃ ପରେଶ କୁମାର ଆଚାର୍ଯ୍ୟ ଯୋଗଦେଇ ସାମୂହିକ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପୋଲିଓ ରୋଗର କାରଣ ଓ ନିରାକରଣ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ଏଥିସହିତ ୦-୫ ବର୍ଷ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇବା ସହିତ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ ରେ ସହାୟକ



ହେବା ଜରୁରୀ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଏସ ପି ସେଠି, ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଶୁତୋଷ ମହାନ୍ତି, ବିପିଏମ ଅଂଶୁମାଳି ଦାସ ପ୍ରମୁଖ ଏହି ପୋଲିଓ ରୋଗର ସମ୍ପୂର୍ଣ୍ଣ ନିରାକରଣ ପାଇଁ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

ସେଇଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଜ୍ଞାନରଞ୍ଜନ ବେହେରା ବର୍ତ୍ତମାନ ଖରା ବଢୁଥିବାରୁ ଅଂଶୁଘାତକୁ ଦୃଷ୍ଟିରେ ରଖି ଅଂଶୁଘାତର କାରଣ ନିରାକରଣ ଉପରେ ଲୋକଙ୍କୁ ବୁଝାଇଥିଲେ।ଶେଷରେ ମହିଳା ସ୍ୱାସ୍ଥ୍ୟ କର୍ମୀ ସଂଧାରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲା ବେଳେ ଅଙ୍ଗନବାଡି କର୍ମୀ ତଅପୋଇ ବେହେରା, ଶୁଭଲକ୍ଷ୍ମୀ ପ୍ରଧାନ, ସହାୟିକା ସରସ୍ୱତୀ ଦାସ, ଆଶା କର୍ମୀ ମମତା ସାମନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ।ସେହିପରି ଉଇଲକିଶନ ନଗର ଠାରେ ମହିଳା ସ୍ୱାସ୍ଥ୍ୟ କର୍ମୀ ମମତା ନାୟକ, ସ୍ୱାସ୍ଥ୍ୟ କର୍ମୀ ତଥା ସୁପରଭାଇଜର ଶୁଭ୍ରକାନ୍ତ ସାହୁ, ଅଙ୍ଗନବାଡି କର୍ମୀ ମିନତୀ ତ୍ରିପାଠୀ, ପ୍ରଣତି ବଳିଆରସିଂ, ଟାଙ୍ଗିଆପଡ଼ା ଠାରେ ଲିପି ସାହୁ, ନମିତା ମହାନ୍ତି, କୁମାରବସ୍ତ ଠାରେ ଅଙ୍ଗନବାଡି କର୍ମୀ ସଂଯୁକ୍ତା ବେହେରା, ମିନା କୁମାରୀ ପ୍ରଧାନ, ରୁନୁବାଳା ସେଠି, ପାଇକତିଗିରିଆ ରେ ଶୈଳବାଳା ମହାନ୍ତି, ରିତା ଗିରି ପ୍ରମୁଖ ନିଜ ନିଜ ସହାୟକ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ନେଇ ଏହି ବିରାଟ ସାମୂହିକ ପୋଲିଓ ବୁନ୍ଦା ପିଲାଙ୍କୁ ଖୁଆଇଥିଲେ।



# ଶ୍ରୀକ୍ଷେତ୍ର ସିଟି

୩/୩/୨୦୨୪ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୩,୪୧,୩୭୮/- ସୁନା: ୦୧.୫୦୦ ଗ୍ରାମ୍ ରୁପା: ୭୧.୧୦୦ ଗ୍ରାମ୍





## ନିଷିଦ୍ଧାଞ୍ଚଳରୁ ଜବତ ହେଲା ଦୁଇ ମାଛଧରା ଟ୍ରଲର୍

**ଅସ୍ତରଙ୍ଗ, ୩।୩(ସମିସ):** ମତ୍ସ୍ୟ ବିଭାଗର ଅପାରଗତା ଏବଂ ଟ୍ରଲର ମାଲିକଙ୍କ ସହିତ ଥିବା ମଧୁଚନ୍ଦ୍ରିକାରୁ ଫେଲ ମାରୁଛି ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା। ନଭେମ୍ବର ୧ରୁ ମେ ମାସ ୩୧ପର୍ଯ୍ୟନ୍ତ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଲାଗି ଲାଗୁ ହୋଇଥିବା କଟକଣା ଫେଲ ମାରିଛି। ନିଷିଦ୍ଧାଞ୍ଚଳରୁ ବାରମ୍ବାର ମାଛଧରୁ ଥିବା ବେଳେ ଅସ୍ତରଙ୍ଗର ବନବିଭାଗର ପାଟ୍ରୋଲିଂ ଟିମ୍ ଜବତ କରୁଛି ଟ୍ରଲର ବନ ବିଭାଗ ଟ୍ରଲର ଜବତ କରିବା ପରେ ସାମୁଦ୍ରିକ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଦେଇ ଥାଏ। କିନ୍ତୁ ମତ୍ସ୍ୟ ବିଭାଗକୁ ଟ୍ରଲର ହସ୍ତାନ୍ତର ହେବା ପରେ ଆରମ୍ଭ ହୁଏ ଅସଲି ଖେଳ। ଟ୍ରଲରରେ ଥିବା ମାଛର ପରିମାଣକୁ ଗୁପ୍ତ ରଖି ଅଳ୍ପ ପରିମାଣର ମାଛକୁ ସାଗମାଛ ଦରରେ ନିଲାମ କରି ମୋଟା ଅଙ୍କରେ ମୁନାଫା କମେଇ ବସିପଡନ୍ତି ବିଭାଗୀୟ ଅଧିକାରୀମାନେ। ଯାହାର ପ୍ରଭାବ ଅସ୍ତରଙ୍ଗ





ଉପକୂଳରେ ଦେଖିବା ପାଇଁ ମିଳିଛି। ଶନିବାର ମଧ୍ୟାହ୍ନରେ ଅସ୍ତରଙ୍ଗ ଉପକୂଳରେ ଦୁଇଟି ଟ୍ରଲର ଯାହାର ନାମ ଗଙ୍ଗା ମାତା ଆଇଏନ ଡି ୦୫-ଏମ ଏମ ୩୪୧ଏବଂ ଶ୍ରୀ ଗଣେଶ ଆଇଏନଡି-୦୫ଏମଏମ ୫୨ ବେଆଇନ ଭାବରେ ମାଛ ମାରୁଥିବା ବେଳେ ଅସ୍ତରଙ୍ଗ ବନ ବିଭାଗର ଏକ ପାଟ୍ରୋଲିଂ ଟିମ ଦ୍ୱାରା ଜବତ ହୋଇଛି। ଏଥିରେ ଥିବା ୧୨ ଜଣ କର୍ମଚାରୀ ଅଟକ ଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରଲର ଦୁଇଟା ଜବତ ହେବା ପରେ ସନ୍ଧ୍ୟାରେ ରେଞ୍ଜର ମୋନାଲିସା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସାମୁଦ୍ରିକ ମତ୍ସ୍ୟବିଭାଗକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ ଶନିବାର ଦିନ ଫରେଷ୍ଟର ସବୀର କୁମାର ସାହୁ, , ଫରେଷ୍ଟ ଗାର୍ଡ଼ ଶଶିକାନ୍ତ ସେଠି, ନିର୍ମଳ ଚନ୍ଦ୍ର ପାତ୍ର ଏବଂଏପିଆର ଫୋର୍ସ ସମୁଦ୍ରରେ ପାଟ୍ରୋଲିଂ କରୁଥିବା ସମୟରେ ଦୁଇଟା ଟ୍ରଲରକୁ ନିଷିଦ୍ଧାଞ୍ଚଳ ଭିତରେ ଧରିଥିଲେ। ମତ୍ସ୍ୟ ବିଭାଗର କୋହଳ ଆଭିମୁଖ୍ୟର ସୁଯୋଗ ନେଇ ନିଷିଦ୍ଧାଞ୍ଚଳକୁ ଟ୍ରଲର ପଶିବାକୁ ସାହାସ କରୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### ବେଫିକର ଡଙ୍ଗା ମାଲିକ

# ବାଜିରେ ଲାଗୁଛି ପର୍ଯ୍ୟଟକଙ୍କ ଜୀବନ

**ପୁରୀ, ୩।୩(ସମିସ)**

ବିଭିନ୍ନ ସମୟରେ ଚିଲିକାରେ ବିପଦରେ ପଡୁଛି ପର୍ଯ୍ୟଟକ ଡଙ୍ଗା। ବେଳେ ବେଳେ ଡଙ୍ଗା ବୁଡ଼ି ଅକାଳରେ ଅନେକ ଜୀବନ ଯାଇଛି। ମଝିରେ ମଝିରେ ଏମିତି ଅଘଟଣ ଘଟୁଛି। ତେବେ ଏହି ଦୁର୍ଘଟଣା କାହିଁକି ହେଉଛି, ଏହାକୁ କ'ଣ ଏଡାଇ ଦେଇହେବନି ଏମିତି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରୁଛି। ହେଲେ ଚିଲିକା ବକ୍ଷରେ ଯେତେବେଳେ ଡଙ୍ଗା ବୁଡୁଛି ସେତେବେଳେ ସମସ୍ତେ ସଜାଗ ହୋଇଯାଉଛନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ହୁଅନ୍ତୁ ଅବା ଜିଲ୍ଲା ପ୍ରଶାସନ କିମ୍ବା ବୋଟ ଚାଳକ ସଂଘ ସମସ୍ତେ ବ୍ୟତିବ୍ୟସ୍ତ ହୋଇପଡୁଛନ୍ତି। ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରୁଛନ୍ତି। ଏହାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ଏକାଧିକ ବୈଠକ ବସି ଅନେକ କଟକଣା ଜାରି ହେଉଛି। କିନ୍ତୁ କିଛିଦିନ ପରେ ସମସ୍ତେ ସବୁକିଛି ଭୁଲି ଯାଉଛନ୍ତି। କଟକଣା, ନିୟମ ସବୁକିଛି ବନ୍ଧାପଡୁଛି ସରକାରୀ ଫାଇଲ ଭିତରେ। ପୁଣି ବେଫିକର ଭାବେ ଚିଲିକା ଭିତରେ ଚକ୍କର କାଟୁଛି ପର୍ଯ୍ୟଟକ ଡଙ୍ଗା। ନା ଡଙ୍ଗାରେ ରହୁଛି ଲାଇଫ୍ ଜ୍ୟାକେଟ୍ ନା ଡଙ୍ଗାରେ ଚଢିବା ପୂର୍ବରୁ ଏହାକୁ ଖୋଜୁଛନ୍ତି ପର୍ଯ୍ୟଟକ। କଟକଣାକୁ ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି ଡଙ୍ଗା ମାଲିକ ଏବଂ ପର୍ଯ୍ୟଟକ। ତେବେ ପ୍ରଶ୍ନଉଠୁଛି ଯଦି ପୁଣି ଦୁର୍ଘଟଣା ଘଟେ ଦାୟୀ ହେବ କିଏ ?

ସୌନ୍ଦର୍ଯ୍ୟରାଣୀ ଚିଲିକାର ଅପରୂପ ଦୃଶ୍ୟରାଜି ସବୁବେଳେ ସମସ୍ତଙ୍କ ପାଇଁ ଖାସ୍ ଆକର୍ଷଣ ରହିଆସିଛି। ଏହାର ଶାନ୍ତ ଶୀତଳ ନୀଳ ଜଳରାଶି ବିଶେଷକରି ଶୀତଦିନେ ବିଦେଶାଗତ ପକ୍ଷୀଙ୍କୁ ଦେଖିବା ଲାଗି ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଜମିଥାଏ। ସେହିପରି ଚିଲିକାର ଡଲ୍‌ଫିନ ମଧ୍ୟ ଅନେକଙ୍କର ଆକର୍ଷଣ ସାଜିଥାଏ। ଡଙ୍ଗାରେ ବୁଲି ବୁଲି ଡଲ୍‌ଫିନ ଦେଖିବା ବାସ୍ତବିକ ନିଆରା ଅନୁଭୂତି ଦେଇଥାଏ। ଏହାବ୍ୟତୀତ ଚିଲିକା ବକ୍ଷରେ ଥିବା ମା' କାଳୀଜାଇ ମନ୍ଦିର ଏବଂ ଅନ୍ୟାନ୍ୟ ସ୍ଥାନକୁ ବର୍ଷତମାମ୍ ପର୍ଯ୍ୟଟକଙ୍କ ଆଗମନ ଲାଗି ରହିଥାଏ। ହେଲେ ବିଭିନ୍ନ ସମୟରେ ପର୍ଯ୍ୟଟକମାନେ ଚିଲିକାରେ ବୁଲୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଜାରି କଟକଣାକୁ ଡଙ୍ଗା ମାଲିକ ନା ନିଜେ ପର୍ଯ୍ୟଟକ ଅନେକ ସମୟରେ ମାନି ନ ଥାନ୍ତି। ଫଳରେ ଡଙ୍ଗା ବୁଡ଼ି ଭଳି ଦୁର୍ଘଟଣା ଘଟିଥାଏ।

ଚିଲିକାରେ ଅନେକଥର ଡଙ୍ଗା ବୁଡିଛି। କେତେବେଳେ କ୍ଷମତାଠାରୁ ଅଧିକ ପର୍ଯ୍ୟଟକ ଗୋଟିଏ ଡଙ୍ଗାରେ ଯାଇଥାନ୍ତି ତ ପୁଣି କେତେବେଳେ ଝଡ଼ ପବନର ଶିକାର



ହୋଇଥାନ୍ତି। ପ୍ରାକୃତିକ ଦୁର୍ବିପାକକୁ ଯଦିଓ ଅଟକାଇ ହେବନି ହେଲେ ଏହାଠାରୁ ନିଜକୁ ସୁରକ୍ଷା ଲାଗି ସଚେତନ ହେବା ଜରୁରୀ। ତେଣୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ସରକାର ଏକାଧିକ କଟକଣା ଜାରି କରିଛନ୍ତି। ଯେମିତି କି ଡଙ୍ଗାଗୁଡ଼ିକରେ ନିୟମ ମୁତାବକ ଲାଇଫ୍ ଜ୍ୟାକେଟ୍, ଫାୟାର ଏକ୍ସଟିଂଗୁଇସର୍, ପାଣି, ଡଷ୍ଟବିନ୍ ଆଦି ରହିବା ବାଧ୍ୟତାମୂଳକ। ଖରାପ ପାଗ ଥିଲେ ବା ସମ୍ଭାବନା ଥିଲେ ଚିଲିକା ଭିତରକୁ ପର୍ଯ୍ୟଟକଙ୍କୁ ନେବା ମଧ୍ୟ ବାରଣ କରାଯାଇଛି। ସେହିପରି ଚିଲିକା ହ୍ରଦ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କେବଳ ଜିଲ୍ଲା ପ୍ରଶାସନ ଓ ଇନ୍‌ଲ୍ୟାଣ୍ଡ ୱାଟର ଟ୍ରାନ୍ସପୋର୍ଟ ଅଥରିଟିଙ୍କଠାରୁ ଲାଇସେନ୍ସ ପାଇଥିବା ଡଙ୍ଗା ବ୍ୟବହାର କରିବାକୁ କୁହାଯାଇଛି। ଡଙ୍ଗା ଚାଳକଙ୍କ ପାଖରେ ଲାଇସେନ୍ସ ଥିବା ବାଧ୍ୟତାମୂଳକ କରାଯାଇଛି। ହେଲେ ଅନେକ ସମୟରେ ଏହି କଟକଣାକୁ ଉଲ୍ଲଂଘନ କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପର୍ଯ୍ୟଟକମାନେ ଡଙ୍ଗାରେ ଚଢିବା ମାତ୍ରେ ସେମାନଙ୍କୁ ଲାଇଫ୍ ଜ୍ୟାକେଟ୍ ପିନ୍ଧା ଯିବା କଥା। କିନ୍ତୁ ଅନେକ ଡଙ୍ଗା ମାଲିକ ଏହି କଟକଣାକୁ ମାନୁନାହାନ୍ତି କିମ୍ବା ପର୍ଯ୍ୟଟକମାନେ ବି ଲାଇଫ୍ ଜ୍ୟାକେଟ୍ ଖୋଜୁନାହାନ୍ତି। ଏଠି ଡଙ୍ଗା ମାଲିକ ବେଫିକର ସାଜୁଥିବା ବେଳେ ପର୍ଯ୍ୟଟକମାନେ ବି ଅମାନିଆ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଥିଲେ ହେଁ କାହାରି ଚେତା ପଶୁନାହିଁ। ପ୍ରଶାସନ ମଧ୍ୟ ଯାଞ୍ଚ କଡାକଡି କରୁ ନ ଥିବାରୁ ଡଙ୍ଗା ମାଲିକଙ୍କ ମନମାନୀ ବଢୁଛି। ସାତପଡ଼ାରୁ ଜହ୍ନିକୁଦା ଲୋକଙ୍କୁ ନେଇ ଯା'ଆସ କରୁଥିବା ଡଙ୍ଗାଗୁଡ଼ିକ କ୍ଷମତାଠାରୁ ଅଧିକ ଲୋକ ଏବଂ ବାଇକ୍ ଲଦି ଯାଉଛନ୍ତି। ଏମାନଙ୍କ କ୍ଷେତ୍ରରେ ତ କୌଣସି କଟକଣା ଲାଗୁ ହେଉନାହିଁ। ସେହିପରି ସାତପାଡ଼ା ଜେଟିରୁ ଯାଉଥିବା ପର୍ଯ୍ୟଟକ ଡଙ୍ଗାଗୁଡ଼ିକ ଅବସ୍ଥା ମଧ୍ୟ ସେହିପରି। ତେବେ ପ୍ରଶ୍ନଉଠୁଛି ଯଦି ବି କିଛି ଅଘଟଣ ଘଟେ ଏଥିପାଇଁ ଦାୟୀ ରହିବ କିଏ?

## ବୁଡ଼ିଯାଉଥିବା ୨ ପର୍ଯ୍ୟଟକ ଉଦ୍ଧାର

**ପୁରୀ, ୩।୩(ସମିସ):** ସମୁଦ୍ରରେ ସ୍ନାନ କରୁଥିବା ବେଳେ ଅନେକ ସମୟରେ ପର୍ଯ୍ୟଟକମାନେ ବିପଦରେ ପଡୁଛନ୍ତି। ଉଚ୍ଚ ଲହଡି ମାଡ଼ରେ କେହି କେହି ଆହତ ହେଉଥିବା ବେଳେ ଆଉ କାହାର ବୁଡ଼ିଯିବାରୁ ବି ଜୀବନ ଯାଉଛି। ତେବେ ରବିବାର ସମୁଦ୍ରରେ ଗାଧୋଉଥିବା ବେଳେ ଦୁଇଜଣ ପର୍ଯ୍ୟଟକ ବୁଡ଼ି ଯାଉଥିଲେ।



ମାତ୍ର ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି ଲାଇଫ୍‌ଗାର୍ଡ। ରବିବାର ବେଳାଭୂମିରେ ପର୍ଯ୍ୟଟକଙ୍କ ବେଶ୍ ଭିଡ଼ ଥିଲା। ଏହି ସମୟରେ ଝାଡ଼ଖଣ୍ଡରୁ ପୁରୀ ବୁଲିବାକୁ ଆସିଥିବା ରାଜୁ ସିଂ (୨୮) ଏବଂ ଦୀପକ କୁମାର ସାହୁ (୨୮) ସେକ୍ଟର ୩ରେ ଗାଧୋଉଥିଲେ। ମାତ୍ର ବଡ଼ ଲହଡ଼ିରେ ମାଡ ହୋଇ ସେମାନେ ବୁଡ଼ିଯାଇ ଭିତରକୁ ଟାଣି ହୋଇଯାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡ ଦୁଇଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

### ସମତା ସାହିତ୍ୟ ସମିତିର ଆଲୋଚନାଚକ୍ର

## 'ପ୍ରତ୍ୟେକ ଋତୁକୁ ଉପଭୋଗ କରିବା ଉଚିତ'

**ପୁରୀ, ୩।୩(ସମିସ):** ସମତା ସାହିତ୍ୟ ସମିତି ପକ୍ଷରୁ ରବିବାର ରାଣୀସତୀ ଭବନରେ ଓଡ଼ିଆ ସାହିତ୍ୟରେ ନିଦାଘ ବର୍ଣ୍ଣନା ଶୀର୍ଷକ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିବସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମତପ୍ରକାଶ ପାଇଥିଲା ଯେ, ନିଦାଘରେ ଶୀତଳତାର ସୁନ୍ଦର ବର୍ଣ୍ଣନା ଓଡ଼ିଶା ସାହିତ୍ୟରେ ଦେଖିବାକୁ ମିଳେ। ପ୍ରକୃତିର ସନ୍ତୁଳନ ରକ୍ଷା କରିବାରେ ନିଦାଘ ଋତୁର ପୂର୍ଣ୍ଣ ଆବଶ୍ୟକତା ରହିଛି। ଏଥିପାଇଁ ପ୍ରକୃତିର ପ୍ରତ୍ୟେକ ଋତୁକୁ ଆମେ ଉପଭୋଗ କରିବା ଉଚିତ। ଈଶ୍ୱରଙ୍କ ସୃଷ୍ଟିରେ ଏହା ତାଙ୍କର ଏକ ବହୁମୂଲ୍ୟ ଅବଦାନ। ଅତିଥି ଭାବେ ବରିଷ୍ଠ ଓଡ଼ିଆ ଅଧ୍ୟାପକ ଅଶୋକ କୁମାର ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର, ବିଶିଷ୍ଟ ଲେଖିକା ଉଷା ଦେବୀ, ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମିତିର ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ଅନୁକୂଳ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସମ୍ବାଦ ପାଠିକା ହେମାଙ୍ଗିନୀ ମହାନ୍ତି ଓ ସାମ୍ବାଦିକ ପ୍ରଦୀପ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ପୌର୍ଣ୍ଣମାସୀ ଦେବୀ, ଆଶାଲତା ପ୍ରଧାନ, ସୁଚରିତା ପ୍ରତିହାରୀ, ଡାକ୍ତର ରାନୁ ମିଶ୍ର, ଅନନ୍ତ ପ୍ରଧାନ, ମଞ୍ଜୁଳା ମିଶ୍ର, ଅଶୋକ କୁମାର ମହାନ୍ତି, କରୁଣାକର ଭୋଳ, ଚିନ୍ମୟୀ ଗଜେନ୍ଦ୍ର, ଯୋଗେଶ୍ୱର ପ୍ରହରାଜ, ଚାରୁଲତା ମିଶ୍ର, ଫୁଲରାଣୀ ପାଳ, ରାଜେଶ ବେହେରା, ଜିତୁ ଭୋଇ, ସୁବାସିନୀ ଶତପଥୀ, ବିପିନ ବିହାରୀ ମିଶ୍ର, ଦେବଦତ୍ତ ପ୍ରଧାନଙ୍କ ସମେତ ଅନେକ ଲେଖକ ଅଂଶଗ୍ରହଣ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭବାନୀ ପ୍ରସାଦ ବଳିଆର ସିଂ।

## ୧୦୬ ୟୁନିଟ୍ ରକ୍ତ ସଂଗ୍ରହ



**ପୁରୀ, ୩।୩(ସମିସ):** ଓଡ଼ିଶା ମୋ ପରିବାର ଓ ବିଜୁ ଛାତ୍ର ଜନତା ଦଳ ପୁରୀ ନଗର ଶାଖାର ମିଳିତ ସହଯୋଗରେ ରବିବାର ସ୍ଥାନୀୟ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୦୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୁରୀ ଜିଲ୍ଲା ବିଜୁ ଜନତା ଦଳ ସଭାପତି ଦିବାକର ପାତ୍ର, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଭକ୍ତ ଚରଣ ଦାସ, ରବିଶଙ୍କର ପ୍ରତିହାରୀ, ପୁରୀ-ନିମାପଡ଼ା କୋ ଅପରେଟିଭ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ଉପସଭାପତି ହରେକୃଷ୍ଣ ସୁଆର, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ନାରାୟଣ ସ୍ୱାଇଁ, ନଗର ବିଜୁ ଛାତ୍ର ସଭାପତି ସାଗର ପାତ୍ର, ପ୍ରୀତମ ଜଗଦ୍ଦେବ, ସରକାରୀ ଓକିଲ ବିଜୟ ମିଶ୍ର, ରବିନାରାୟଣ ପ୍ରଧାନ, ଓକିଲ ସଂଘ ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ପୁରୀ ଅର୍ବାନ ବ୍ୟାଙ୍କର ପ୍ରାକ୍ତନ ନିର୍ଦ୍ଦେଶକ ଅନନ୍ତ ପ୍ରଧାନ, ମହିଳା ନେତ୍ରୀ ଅରୁଣିମା ନନ୍ଦ, ସ୍ୱଦେଶ ସିଂହ, ବିଶ୍ୱନାଥ ପ୍ରଧାନ ଓ ସୋମନାଥ ସାହୁ ଯୋଗଦେଇଥିଲେ। ଶିବିରକୁ ଓଡ଼ିଶା ମୋ ପରିବାରର ପୁରୀ ଜିଲ୍ଲା ସହ ସଂଯୋଜକ ଭଗବାନ ପଡ଼ିଆରୀ ପରିଚାଳନା କରିଥିଲେ।

### ହେଲ୍ମେଟ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

## ଭାଷା ହିଁ ସମାଜରେ ପରିବର୍ତ୍ତନ ଆଣିଥାଏ

**ପୁରୀ, ୩।୩(ସମିସ):** ଅଗ୍ରଣୀ ଅନୁଷ୍ଠାନ ହେଲ୍ମେଟ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଏକାଡେମୀର ମିଳିତ ଆନୁକୂଲ୍ୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଞ୍ଚଦିନ ଧରି ପାଳିତ ହୋଇଯାଇଛି। ଏହାର ଉଦ୍‌ଯାପନୀ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମ 'ଜାଗ୍ରତ ହେଉ ଭାଷା ପ୍ରୀତି'କୁ ନେଇ ବିଭିନ୍ନ ବସ୍ତି ଓ ସ୍କୁଲରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଓ ସଚେତନତା ସହ ଗ୍ରାମାଞ୍ଚଳ ବିଦ୍ୟାଳୟମାନଙ୍କରେ ଶୁଦ୍ଧ ଲିଖନ, ଶୁଦ୍ଧ ପଠନ, ଓଡ଼ିଆ ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଏଥିରେ ପୁରସ୍କୃତ କରାଯାଇଥିଲା। ରାଜ୍ୟସ୍ତରୀୟ କବି ସମ୍ମିଳନୀରେ କବିମାନଙ୍କୁ ସମ୍ମାନିତ କରାଯାଇଛି। ପ୍ରଥମ ସୋପାନରେ କବିତା ସଂଯୋଜନା କରିଥିଲେ ସୁଜାତା ସିହ୍ନା, ଓ ସନ୍ଧ୍ୟାରାଣୀ ପୃଷ୍ଟି। ସଭାମଞ୍ଚ ପରିଚାଳନା କରିଥିଲେ ଶ୍ୟାମପ୍ରକାଶ ସେନାପତି ଓ ଚମକ ଚାନ୍ଦିନୀ ଦାଶ। ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଏକ ନାଟକ 'ଆଜିର ଭବିଷ୍ୟ ବିପଥଗାମୀ" ମଞ୍ଚସ୍ଥ କରାଯାଇଥିଲା। ଦ୍ୱିତୀୟ ସୋପାନରେ ମୁଖ୍ୟଅତିଥି ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଭାଷାବିତ୍ ଡ.



ଦେବାଶିଷ ମହାପାତ୍ର ଓ ମୁଖ୍ୟ ଉପଦେଷ୍ଟା କୃଷ୍ଣପ୍ରିୟା ଦାସ କହିଥିଲେ ଯେ, ଯେତେବେଳେ ସମସ୍ତ ଜ୍ଞାନ ଓଡ଼ିଆ ଭାଷାରେ ଆମ ପୁସ୍ତକରେ ସ୍ଥାନ ପାଇବ ଭାଷା ସେତେବେଳେ ସମୃଦ୍ଧି ହେବ। ଫଳରେ ପରବର୍ତ୍ତୀ ପିଢୀ ଭାଷାକୁ ବଞ୍ଚାଇ ରଖିବାରେ ସକ୍ଷମ ହେବେ। ସଭାପତି ଡ. ଅଞ୍ଜଳୀ ତ୍ରିପାଠୀ ଓ ସମ୍ପାଦିକା ନିବେଦିତା ଭଞ୍ଜ କହିଥିଲେ ଯେ, ନିଜ ଭାଷାର ପ୍ରଚାର ପ୍ରସାର ମାଧ୍ୟମରେ ବିଶ୍ୱ ପରିଚୟ ସୃଷ୍ଟି କରାଇବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ। କାରଣ ଭାଷା ହିଁ ସମାଜରେ ପରିବର୍ତ୍ତନ ଆଣିଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସହସମ୍ପାଦିକା ଲିନା ମିଶ୍ର ଓ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିବା ବେଳେ ଉପସଭାପତି ନିହାରିକା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିରରେ ମହିଳାଙ୍କଠାରୁ ଲୁଟ୍; ଯୁବକ ଗିରଫ

**ପୁରୀ, ୩।୩(ସମିସ):** ଶ୍ରୀମନ୍ଦିର ଭିତରେ ବିଭିନ୍ନ ସମୟରେ ଭକ୍ତ ଲୁଟ୍‌ର ଶିକାର ହେଉଛନ୍ତି। ହେଲେ ଅନେକ ନ ଜଣାଇ ଚୁପ୍ ରହୁଥିବା ବେଳେ ଆଉ କିଛିଜଣ ଥାନାରେ ଅଭିଯୋଗ କରୁଛନ୍ତି। ତେବେ ଶନିବାର ମନ୍ଦିର ଭିତରେ ଜଣେ ମହିଳାଙ୍କୁ ଧକ୍କା ମାରି ତାଙ୍କ ଭ୍ୟାନିଟ୍‌ରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ସିଂହଦ୍ୱାର ଥାନା ପୁଲିସ ଜାଣ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ସତ୍ୟବାଦୀ ଥାନା ନୂଆ ସୋମେଶ୍ୱରପାଟଣାର ମନୋଜ କୁମାର ପ୍ରଧାନ। ଅଭିଯୋଗ ଅନୁଯାୟୀ, ଶନିବାର କଟକ ଅଲିଶାବଜାରର ପ୍ରେମାନନ୍ଦ ମୁଖି ସପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ସେମାନେ ବାହାରକାଠରେ ଦର୍ଶନ କରୁଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଥିଲା। ଏହାର ସୁଯୋଗ ନେଇ ଅଭିଯୁକ୍ତ ପ୍ରେମାନନ୍ଦଙ୍କ ପତ୍ନୀଙ୍କୁ ପଛପଟୁ ଏକ ଧକ୍କା ଦେଇ ତାଙ୍କ ଭ୍ୟାନିଟ୍‌ରୁ ୪, ୯୦୦ ଟଙ୍କା ନେଇ ପଳାଉଥିଲେ। ସେ ପାଟି କରିବାରୁ ପୁଲିସ ତାକୁ କାବୁ କରିଥିଲା। ଅଭିଯୁକ୍ତ ବିରୋଧରେ ଥାନାରେ ଏକ ମାମଲା (ନଂ.୨୪/୨୪) ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଆକାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ପ୍ରଥମ ମ୍ୟାଚ୍‌ରେ କଟକର ରୟାଲ୍ କ୍ଲବ୍ ବିଜୟୀ



**ପୁରୀ, ୩।୩(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମରେ ରବିବାର ଆରମ୍ଭ ହୋଇଛି ଦ୍ୱିତୀୟ ଆକାଶ ମେମୋରିଆଲ ତଥା ୧୧ତମ ମହାବୀର ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ। ଏଥିରେ ଜାତୀୟ ସ୍ତରର ଓଡ଼ିଆ କ୍ରିକେଟରଙ୍କ ସମେତ ରାଜ୍ୟର ସମସ୍ତ ଅଗ୍ରଣୀ ୮ଟି କ୍ରିକେଟ କ୍ଲବ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୁରୀର ପାୟୋନିଆର କ୍ଲବ ଓ କଟକର ରୟାଲ କ୍ରିକେଟ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ପୁରୀର ପାୟୋନିୟର କ୍ଲବ ନିର୍ଦ୍ଧାରିତ ୩୦ ଓଭରରେ ୧୭୦ ରନ କରିଥିଲା। ଜବାବରେ ରୟାଲ କ୍ଲବ ମଧ୍ୟ ୧୭୦ ରନ ସଂଗ୍ରହ କରିବାରୁ ମ୍ୟାଚ୍ ଟାଇ ହୋଇଥିଲା। ଫଳରେ ସୁପର ଓଭର ଖେଳାଯାଇଥିଲା। ସୁପର ଓଭରରେ କଟକର ରୟାଲ କ୍ଲବ ବ୍ୟାଟିଂ କରି ୧୪ ରନର ଲକ୍ଷ୍ୟ ଦେଇଥିବା ବେଳେ ପାୟୋନିୟର ଦଳ ମାତ୍ର ୨ ରନ କରିବାରୁ କଟକର ରୟାଲ କ୍ଲବ ଜିତି ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ରେ କଟକର ସୌଭାଗ୍ୟ ମିଶ୍ର ସର୍ବାଧିକ ୬୯ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚ୍‌କୁ ପରିଚାଳନା କରିଥିଲେ ଦୁଇ ଅଭିଜ୍ଞ ଆମ୍ପାୟାର ନିର୍ମଳ ମିଶ୍ର ଓ ସତ୍ୟବ୍ରତ ମହାପାତ୍ର। ତେବେ ମ୍ୟାଚ୍ ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋ ଓଡ଼ିଶା ଅଧ୍ୟକ୍ଷ ଅରୁପ ପଟ୍ଟନାୟକ, ଜିଲ୍ଲା ବିଜେଡି ସଭାପତି ଦିବାକର ପାତ୍ର, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି, ବରିଷ୍ଠ ସେବାୟତ ରାମକୃଷ୍ଣ ଦାସ ମହାପାତ୍ର, କୃଷ୍ଣ ଚନ୍ଦ୍ର ପଣ୍ଡା, ରବିଶଙ୍କର ପ୍ରତିହାରୀ, ରାଜା ପାଢ଼ୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହାବୀର କ୍ରିକେଟ କ୍ଲବ ସଭାପତି ପ୍ରୀତମ ଜଗଦେବଙ୍କ ତତ୍ତ୍ୱାବଧାନରେ ଆଗାମୀ ୧୦ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ। ସୋମବାର ଭୁବନେଶ୍ୱରର ବାପୁଜୀ ସ୍ପୋର୍ଟିଂ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏତଦ୍‌ବ୍ୟତୀତ ଭୁବନେଶ୍ୱରର ରାମେଶ୍ୱର, ସମ୍ବଲପୁରର ଫୋର୍ ସି କ୍ଲବ ଓ ରାଉରକେଲାର ଜିମ୍‌ଖାନା କ୍ଲବ ସହ ଆୟୋଜକ ମହାବୀର କ୍ଲବ ମଧ୍ୟ ଭାଗ ନେବ। ମହାବୀର କ୍ରିକେଟ୍ କ୍ଲବର ଅନିରୁଦ୍ଧ ରାଉତ, ସୌମେନ୍ଦ୍ର ମହାନ୍ତି, ନାରାୟଣ ମହାନ୍ତି, ସପନ କୁମାର ଦୋରା, ସମରେନ୍ଦୁ ମହାନ୍ତି, ରାଜା ମହାନ୍ତି, ଗୋବିନ୍ଦ ଦାସ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ ପରିଚାଳନା କରିବାରେ ସହଯୋଗ କରୁଛନ୍ତି।

### ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ମାସିକ ଆଲୋଚନା

# ପଠାଣି ସାମନ୍ତ ଥିଲେ ଜ୍ୟୋତିଷ ଜଗତର ଉପାସକ

**ପୁରୀ, ୩।୩(ସମିସ)**

ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦୀ ମାର୍ଚ୍ଚ ମାସର ଆଲୋଚନାଚକ୍ର ଶ୍ରୀଜଗନ୍ନାଥ ବଲ୍ଲଭ ମଠ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରର ଆଲୋଚ୍ୟ ପ୍ରସଙ୍ଗ 'ସିଦ୍ଧାନ୍ତ ଦର୍ପଣରେ ଶ୍ରୀଜଗନ୍ନାଥ ଚେତନା' ଉପରେ ପ୍ରବନ୍ଧ ଉପସ୍ଥାପନ କରିଥିଲେ ଡ. ଶ୍ରୀନିବାସ ଆଚାର୍ଯ୍ୟ, ଅଧ୍ୟାପିକା ବାସନ୍ତୀ ଦେ୍ୱୀ ଓ ନାରାୟଣ ନନ୍ଦ।



ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହସାମନ୍ତ ହରିଚନ୍ଦନ ମହାପାତ୍ରଙ୍କ ରଚିତ ଅନବଦ୍ୟ ଜ୍ୟୋତିର୍ବିଜ୍ଞାନ ଗ୍ରନ୍ଥ ସିଦ୍ଧାନ୍ତ ଦର୍ପଣ। ବରେଣ୍ୟ ସାମନ୍ତ ଥିଲେ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ। ସେ ତାଙ୍କ ଗ୍ରନ୍ଥର ମୋଟ ୬୪ଟି ଅଧ୍ୟାୟରେ ପ୍ରାୟ ୮୦ଟି ଶ୍ଳୋକରେ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି। ସିଦ୍ଧାନ୍ତ ଦର୍ପଣର ମଙ୍ଗଳାଚରଣରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମସ୍ତ ବିଘ୍ନବିନାଶ କରିବା ପାଇଁ ଜାଗ୍ରତ ରହିବା ନିମିତ୍ତ ପ୍ରାର୍ଥନା କରିଛନ୍ତି। ଶ୍ରୀଦେବୀ, ଭୂଦେବୀ, ମାଧବ, ସୁଦର୍ଶନଚକ୍ର, ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରା ଏହି ସାତ ଦେବତାଙ୍କ ସହଯୋଗରେ ତେଜ ଉଜ୍ଜ୍ୱଳତର ହୋଇଛି। ପୁନଃ ମହାଦେବଙ୍କ ଗହଣରେ ଦେବଗଣ ଆସି ରତ୍ନସିଂହାସନରେ ମଥା ଲଗାଇ ଏହି ତେଜକୁ ପ୍ରଣାମ କରୁଛନ୍ତି। ପଠାଣି ସାମନ୍ତ ଥିଲେ ଜ୍ୟୋତିଷ ଜଗତର ଉପାସକ। ତାଙ୍କ ଅନୁସାରେ ଶ୍ରୀଜଗନ୍ନାଥଙ୍କ ଶ୍ରୀବିଗ୍ରହରୁ ଉତ୍ପନ୍ନ ତେଜୋ ରାଶି ବେଦାନ୍ତ ବେଦ୍ୟ ପରଂବ୍ରହ୍ମ ଅଟନ୍ତି। ଯେ କୋଟି କୋଟି ବ୍ରହ୍ମାଣ୍ଡର ବୋଝ ବୋହିଥାନ୍ତି, ଯାହାଙ୍କଠାରୁ ପରମ ଶିବ (ମଙ୍ଗଳ) ଉତ୍ପନ୍ନ ଅଟନ୍ତି। ଗ୍ରନ୍ଥର ତେଇଶି ଅଧ୍ୟାୟରେ ଦଶଟି ଶ୍ଳୋକରେ ଦଶାବତାରର ବର୍ଣ୍ଣନା ରହିଛି। ସାଆନ୍ତେ ଶ୍ରୀକ୍ଷେତ୍ରର ପ୍ରଶସ୍ତିରେ ଶତମୁଖ ଧନ୍ୟ ସେହି ଶ୍ରୀକ୍ଷେତ୍ର ପୁରୀ, ଯିଏ ନୀଳଗିରିର ଭାର ବହନ କରିବାରେ ସମର୍ଥ। ଗ୍ରନ୍ଥାରମ୍ଭ ଏବଂ ଗ୍ରନ୍ଥାବସାନ ତଥା ପ୍ରତ୍ୟେକ ଅଧ୍ୟାୟର ଅନ୍ତିମ ଶ୍ଳୋକର ପୂର୍ବ ଶ୍ଳୋକରେ ସେ ଜଗନ୍ନାଥଙ୍କୁ ସ୍ମରଣ କରିଛନ୍ତି। ପରମ ପାବନ ପୁରୁଷୋତ୍ତମ କ୍ଷେତ୍ରରେ ତାଙ୍କର ଦେବାହସାନ ପାଇଁ ଇଚ୍ଛାପ୍ରକାଶ କରିଛନ୍ତି। ତାଙ୍କ ଅନୁସାରେ ଯିଏ ପ୍ରଥମ ପରାର୍ଦ୍ଧରେ ନୀଳଗିରି ଶିଖରରେ ଶ୍ରୀନୀଳମାଧବ ନାମରେ ବିରାଜିତ ଥିଲେ ସେ ହିଁ ଦ୍ୱିତୀୟ ପରାର୍ଦ୍ଧରେ ପତିତମାନଙ୍କର ଉଦ୍ଧାର ପାଇଁ ଦାରୁବ୍ରହ୍ମ ରୂପେ ପ୍ରକଟ ହୋଇଛନ୍ତି ବୋଲି ଆଲୋଚନା ହୋଇଥିଲା। ଏହି ଆଲୋଚନାଚକ୍ରର ଡ, ଭାସ୍କର ମିଶ୍ର, ଡ. ନୃସିଂହ ଚରଣ ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ଅନାମ ଚନ୍ଦ୍ର ସାହୁ, ନକୁଳ ଚରଣ ସ୍ୱାଇଁ, ଡ. ପ୍ରମୋଦ କୁମାର ଦଳାଇ, ଡ. କଲ୍ୟାଣୀ ଶତପଥୀ, ନବକିଶୋର ଶତପଥୀ, ସରୋଜ କୁମାର ଲେଙ୍କା, ଡ. ଦେବରାଜ ପ୍ରଧାନ, ଡ. ଶରତ କୁମାର ସାହୁ, ମନମୋହନ ପୃଷ୍ଟି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଶକ୍ତିଶାଳୀ ହେଉଛି ବିଜେଡି; ୧୪ ପରିବାର ସାମିଲ



ନୟାଗଡ଼, ୩।୩(ସମିସ): ନୟାଗଡ଼ ନିର୍ବାଚନମଣ୍ଡଳୀ ବିଜେଡି ଦିନକୁ ଦିନ ଶକ୍ତିଶାଳୀ ହେଉଛି। ଗତକାଲି ଓଡ଼ଗାଁ ବ୍ଲକ ଗିରିଡ଼ିପଲ୍ଲୀ ପଞ୍ଚାୟତ ଧଖୋଲା ଗ୍ରାମର ୩ ୱାର୍ଡ ସଭ୍ୟଙ୍କ ସହ ୧୫ ପରିବାର ବିଜେଡିରେ ସାମିଲ ହୋଇଥିଲେ। ଆଜି ଇଟାମାଟି ଗ୍ରାମ ପଞ୍ଚାୟତ ଇଟାମାଟି ଗ୍ରାମର ୧୪ ବିରୋଧୀ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ବିରୋଧୀ ଦଳର ଅନେକ ନେତା ବିଜେଡିରେ ସାମିଲ ହେଉଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ଧରି ଏଭଳି ଧାରା ଜାରି ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ସହ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ବିକାଶମୂଳକ ଚିନ୍ତାଧାରାରେ ସାମିଲ ହୋଇ ବହୁ ବିରୋଧୀ ଦଳର ନେତା ବିଜେଡିରେ ଯୋଗ ଦେଉଛନ୍ତି। ଆଜି ଇଟାମାଟି ପଞ୍ଚାୟତ ପଡ଼ିଆଠାରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ୧୪ ବିରୋଧୀ ପରିବାର ବିଜେଡିରେ ସାମିଲ ହୋଇଛନ୍ତି। ଆଜିର ଏହି ମିଶ୍ରଣ ପର୍ବରେ ମନମୋହନ ମହାନ୍ତି, ମାୟାଧର ଜେନା, ସୁରେଶ ଜେନା, ସୁଦାମ ପ୍ରଧାନ, ବିକ୍ରମ ଜେନା, ରାଜକିଶୋର ମହାନ୍ତି, ଆନନ୍ଦ ଦାସ, ଆନନ୍ଦ ବେହେରା, ସୁବାସ ସେଠୀ, ରବି ସ୍ୱାଇଁ, ପ୍ରମୋଦ ବେହେରା, ସନ୍ତୋଷ ଲାଞ୍ଜି, ଭାସ୍କର ଜେନା ଓ ସୁନୀଲ ଅଗ୍ରୱାଲ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ସ୍ଥାନୀୟ ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ, ସମିତିସଭ୍ୟା ଗୋଲାପରାଣୀ ସେଠୀ, ନୟାଗଡ଼ ବ୍ଲକ ବିଜେଡି ସଭାପତି ଅଜିତ ପ୍ରସାଦ ସାହୁ, ପଞ୍ଚାୟତ ବିଜେଡି ସଭାପତି ଶରତ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି କିଶୋର ନାୟକ, ସମାଜସେବୀ ପ୍ରଫୁଲ ଜେନା, ପଞ୍ଚାୟତ ପର୍ଯ୍ୟବେକ୍ଷକ ହୃଷିକେଶ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୩।୩(ସମିସ): ଖଣ୍ଡପଡ଼ା ବ୍ଲକ କୋସ୍କା, ବଳଭଦ୍ରପ୍ରସାଦ, କୁମ୍ଭାରପଡ଼ା ଓ ଢୋଲମରା ପଞ୍ଚାୟତରେ ଖଣ୍ଡପଡ଼ା ବିଜୁ ଜନତା ଦଳ ପକ୍ଷରୁ ଆଜି ହାଉସ ଟ୍ୟାଗିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଆସନ୍ତା ସାଧାରଣ ନିର୍ବାଚନରେ ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠ ଥର ପାଇଁ କ୍ଷମତାସୀନ କରିବାକୁ ଲୋକଙ୍କ ସହଯୋଗ କାମନା କରିଥିଲେ ଶ୍ରୀ ସାହୁ। ୱାର୍ଡସ୍ତରରେ ଦଳର ସ୍ଥିତିକୁ ପୂର୍ବପରି ମଜଭୁତ କରିବା ଲକ୍ଷ୍ୟରେ ଆଜି ଘରକୁ ଘର ବୁଲି ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଆମ୍ଭ କମିଟି ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଅଖିଳ କୁମାର ପଣ୍ଡା, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, କୋସ୍କା ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର ଜେନା, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ବେହେରା, ସିଂଘାପଡ଼ା ସରପଞ୍ଚ ସୁନୀଲ ପ୍ରଧାନ, ବଳଭଦ୍ର ପ୍ରସାଦ ସରପଞ୍ଚ ବାସୁଦେବ ନାୟକ, ସମିତି ସଭ୍ୟାଙ୍କ ପ୍ରତିନିଧି ବୁଲୁ ଦାସ, କୁମ୍ଭାରପଡ଼ା ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ସମିତିସଭ୍ୟ ନରେନ୍ଦ୍ରନାଥ ଦାଶ, ଢୋଲମରା ସମିତି ସଭ୍ୟ ମାନସ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଯୁବ, ଛାତ୍ର, ମହିଳା ଓ କର୍ମୀଙ୍କ ଦ୍ୱାରା ଶଙ୍ଖ ଚିହ୍ନକୁ ପ୍ରତି ଘରେ ମରାଯାଇଥିଲା।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ

ଖଣ୍ଡପଡ଼ା, ୩।୩(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ କଲ୍ୟାଣ ମଣ୍ଡପରେ ୨୦ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ବ୍ଲକସ୍ତରୀୟ ବିଜୁ ଜନତା ଦଳର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଭାପୁର ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଏବଂ ଖଣ୍ଡପଡ଼ା ଏନ୍ଏସିରୁ ବିଜୁ ଜନତା ଦଳର ପ୍ରାୟ ଏକଶହ କର୍ମୀମାନେ ଯୋଗ ଦେବା ସହିତ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତି ପଞ୍ଚାୟତରେ ତୃଣମୂଳସ୍ତରରୁ କର୍ମୀଙ୍କର ପ୍ରସ୍ତାବକୁ ଅଗ୍ରାଧିକାର ଦେବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନିଆଯାଇଛି। ବୈଠକରେ ମର୍ଦ୍ଦରାଜପୁର ପୂର୍ବତନ ସରପଞ୍ଚ ବୈକୁଣ୍ଠନାଥ ଗୋଛି, ବଡ଼ସହରା ସରପଞ୍ଚ ବ୍ରଜ କିଶୋର ଆଲୁକ, ଫତେଗଡ଼ ସରପଞ୍ଚ ତୋଫାନ ପ୍ରଧାନ, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ମାଧବ ଚନ୍ଦ୍ର ଦାସ, ଯୁବ ସଂଗଠକ ଅଖିଳ କୁମାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ ଗଠିତ

ନୟାଗଡ଼, ୩।୩(ସମିସ): ନୟାଗଡ଼ସ୍ଥିତ ମୈତ୍ରୀ ସଂସଦ କାର୍ଯ୍ୟାଳୟଠାରେ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ବରପୁତ୍ର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ନୟାଗଡ଼ ଜିଲ୍ଲାର ପ୍ରଥମ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ, ରାଜ୍ୟସଭା ସଦସ୍ୟ ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ଆବାହକ ପ୍ରସନ୍ନ କୁମାର ପଣ୍ଡା ବୈଠକର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସର୍ବସମ୍ମତି ନିଷ୍ପତ୍ତିକ୍ରମେ 'ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର ସ୍ମୃତି ପରିଷଦ' ଗଠନ କରାଯାଇଥିଲା। ପ୍ରସନ୍ନ କୁମାର ପଣ୍ଡା ସଭାପତି, ପ୍ରବୀର କୁମାର ପୃଷ୍ଟି ଉପସଭାପତି, ପ୍ରଦୀପ କୁମାର ସାହୁ ସମ୍ପାଦକ, କାମାକ୍ଷ୍ୟା ପ୍ରସାଦ ହାତୀ ଯୁଗ୍ମ ସମ୍ପାଦକ, ଡାକ୍ତର ସୁକାନ୍ତି ମହାନ୍ତି କୋଷାଧ୍ୟକ୍ଷ, ପ୍ରଫୁଲ୍ଲ କୁମାର ନାୟକ ଏବଂ ଶ୍ରୀଧର ସାହୁଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଥିଲା। ସାଧାରଣ ସଭା ୨୧ ଜଣଙ୍କୁ ନେଇ ଗଠିତ ହୋଇଥିଲା। ତୁରନ୍ତ ଉକ୍ତ ନୂତନ ଗଠିତ ପରିଷଦଙ୍କୁ ସରକାରୀ ଭାବେ ପଞ୍ଜିକୃତ ହେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆବଶ୍ୟକୀୟ ବାଇଲ ଏବଂ ଆସୋସିଏସନ୍ ପ୍ରସ୍ତୁତ କରିବା ପାଇଁ ପ୍ରମୋଦ ପଟ୍ଟନାୟକଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। କଳାକାର ଧନେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ଜମୁଛି ବଣଭୋଜିର ଆସର; ନାହିଁ ଆବଶ୍ୟକୀୟ ସୁବିଧା

## ଭୂତକୋଠି ପାଲଟିଛି ପାଣିପୋଇଲା ଡାକବଙ୍ଗଳା

ନୟାଗଡ଼, ୩।୩(ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ସାନହାମରା ମୌଜା ତଥା ନୟାଗଡ଼



ବ୍ଲକ ବାଲୁଗାଁ ପଞ୍ଚାୟତ ପାଣିପୋଇଲା ନିକଟରେ ରହିଛି ପାଣିପୋଇଲା ଡ୍ୟାମ ଓ ଡାକବଙ୍ଗଳା। ଦିନ ଥିଲା ଏହି ବଙ୍ଗଳାରେ ବଣଭୋଜି ଆସର ଜମିବା ସାଙ୍ଗକୁ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ପର୍ଯ୍ୟଟକ ଆସୁଥିଲେ। କିନ୍ତୁ ଏହି ବଙ୍ଗଳା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ୧୯୭୧ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଏଠାକୁ ଆସି ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ପ୍ରାକୃତିକ ପରିବେଶ ଓ ନୈସର୍ଗିକ ଶୋଭାରାଶିରେ ପରିପୂର୍ଣ୍ଣ ଏହି ସ୍ଥାନରେ ଏକ ଡାକବଙ୍ଗଳା ନିର୍ମାଣ କରିବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସରକାରଙ୍କ ଅନୁଦାନରେ ଡାକବଙ୍ଗଳା ନିର୍ମାଣ ହୋଇଥିଲା। ପରିବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ୧ ହଜାରରୁ ଊର୍ଦ୍ଧ୍ୱ ଗୋଲାପ ସହିତ ଅନ୍ୟାନ୍ୟ ପ୍ରଜାତିର ଫୁଲ ଗଛ ରୋପଣ କରାଯାଇଥିଲା। ଶାନ୍ତ ପରିବେଶ ଭିତରେ ପକ୍ଷୀଙ୍କ କାକଳି ଓ ଏହି ମନୋରମ ପରିବେଶକୁ ଲୋକଙ୍କୁ ଟାଣି ଆଣୁଛି। ପିକନିକ୍ ପାଇଁ ଭିଡ଼ ହେଉଥିବା ଯୋଗୁଁ ପାନୀୟ ଜଳର ସୁବିଧା ପାଇଁ କୂପ ଖନନ କରାଯିବା ସହ ବଣଭୋଜି ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ବିଭିନ୍ନ ସମୟରେ ରାଜନେତା ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ମଧ୍ୟ ଏଠାକୁ ଆସି ରାତ୍ରିଯାପନ କରିଥାନ୍ତି। କିନ୍ତୁ ଦୁଃଖର ବିଷୟ ଏହା ଯେ, ପ୍ରଶାସନିକ ଅବହେଳା ଓ ରାଜନେତାଙ୍କ ଆନ୍ତରିକତା ଅଭାବରୁ ବଙ୍ଗଳାର ଉନ୍ନତି ହେବା ପରିବର୍ତ୍ତେ ଅବକ୍ଷୟ ହେବାକୁ ଲାଗିଛି। ଧୀରେ ଧୀରେ ଏହି ପରିବେଶର ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ବଙ୍ଗଳାଟି ପଡ଼ିଥିବା ବେଳେ ପରିବେଶକୁ ସୁନ୍ଦର କରିବା ଲାଗି ଲଗାଯାଇଥିବା ଫୁଲ ଓ ଅନ୍ୟାନ୍ୟ ଗଛ ସବୁ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଫଳରେ ଏବେ ପର୍ଯ୍ୟଟକ ଓ ଅଞ୍ଚଳବାସୀ ଉକ୍ତ ସ୍ଥାନକୁ ବୁଲିବା କିମ୍ବା ବଣଭୋଜି କରିବା ପାଇଁ ଆସିବା ପାଇଁ ଆଉ ଆଗ୍ରହ ଦେଖାଉ ନାହାନ୍ତି। ସେଠାରେ ଏବେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆସର ଜମୁଥିବା ଅଭିଯୋଗ ହୋଇଛି। ନିର୍ମାଣ କରାଯାଇଥିବା ଗୃହଗୁଡ଼ିକ ଏବେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କୂପ ଭିତରେ ଅନାବନା ଗଛ ଉଠି ପାଣି ଦୂଷିତ ହୋଇଗଲାଣି। ରହିଥିବା ନଳକୂପ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ପାନୀୟ ଜଳ ବାହାରୁନି। ପାଣିପୋଇଲା ଡାକବଙ୍ଗଳାକୁ ରୂପାନ୍ତରଣ କରାଯିବା ସହିତ ଶିଶୁ ଉଦ୍ୟାନ ଓ ନିକଟରେ ଥିବା ପାଣିପୋଇଲା ବନ୍ଧରେ ନୌବିହାର ବ୍ୟବସ୍ଥା କରାଗଲେ ଏହି ବଙ୍ଗଳା ନୟାଗଡ଼ର ଏକ ଅନନ୍ୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଗଣିତ ହୋଇପାରିବ। ପାଣିପୋଇଲା ଡ୍ୟାମ ମରାମତି ପାଇଁ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁର ହୋଇଥିବା ବେଳେ ଏହାର କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ।

## ୬୯୧୨ ଶିଶୁ ପୋଲିଓ ଖାଇଲେ



ଭାପୁର, ୩।୩(ସମିସ) ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ରବିବାର ଦିନ ୦-୫ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୭୧୦୩ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ସେବନ ପାଇଁ ନିର୍ଦ୍ଧାରିତ ହୋଇଥିବା ବେଳେ ୬୯୧୨ ଜଣ ଶିଶୁ ପୋଲିଓ ବୁନ୍ଦା ସେବନ କରିଛନ୍ତି।ଯାହା ଶତକଡା ୯୭ ଭାଗ ଶିଶୁ ପୋଲିଓ ବୁନ୍ଦା ସେବନ କରିଛନ୍ତି। ବ୍ଲକରେ ୪୫ ଟି ବୁଥ୍ ଏବଂ ଭାପୁର ବସ୍ଷ୍ଟାଣ୍ଡରେ ଗୋଟିଏ ଭ୍ରାମ୍ୟମାଣ ବୁଥରେ ୧୯୦ ଜଣ ସ୍ୱାସ୍ଥ୍ୟ ପରିଦର୍ଶକ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ଆଶା କର୍ମୀ ପୋଲିଓ ବୁନ୍ଦା ସେବନ କର୍ଯ୍ୟକ୍ରମରେ ନିୟୋଜିତ ହୋଇଥିଲେ ବୋଲି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱନାଥ ସାହୁଙ୍କ ଠାରୁ ପ୍ରକାଶ।

## 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

ଗଣିଆ, ୩।୩(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ହାତ ପାହାନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇଛନ୍ତି। ଗତ ଗୁରବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ୨ୟ ପର୍ଯ୍ୟାୟରେ ଆମ ବ୍ୟାଙ୍କ ସେବାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗଣିଆ ବ୍ଲକର ଛାମୁଣ୍ଡିଆ, ବଡ଼ଶିଲିଙ୍ଗା, କରଡାପଡ଼ା ଓ ରାସଙ୍ଗ ପଞ୍ଚାୟତରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓ ସିଏସ୍ପି ପ୍ଲସ ଦ୍ୱାରା ଏହି ବ୍ୟାଙ୍କ ସେବା ଉଦ୍‌ଘାଟିତ ହୋଇଯାଇଛି। ଛାମୁଣ୍ଡିଆ ପଞ୍ଚାୟତରେ ସରପଞ୍ଚ ଦୀପ୍ତିରେଖା ସେନାପତି ଓ ସମିତିସଭ୍ୟା ସସ୍ମିତା ଦଳେଇ ଏହି ବ୍ୟାଙ୍କକୁ ଉଦ୍‌ଘାଟନ କରିଥିବା ବେଳେ ବଡ଼ଶିଲିଙ୍ଗା ପଞ୍ଚାୟତରେ ସରପଞ୍ଚ ସସ୍ମିତା ସାହୁ, ରାସଙ୍ଗ ପଞ୍ଚାୟତରେ ସରପଞ୍ଚ ମାନସ କୁମାର ମହାଖୁଡ, କରଡାପଡ଼ା ପଞ୍ଚାୟତରେ ପ୍ରମୋଦିନୀ ସାହୁ ଏହି ବ୍ୟାଙ୍କଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ଗ୍ରାମାଞ୍ଚଳର ଲୋକମାନେ ନିକଟରେ ବ୍ୟାଙ୍କ ସେବା ପାଇବା ପାଇଁ ସରକାରଙ୍କ ପ୍ରୟାସକୁ ବେଶ ପ୍ରଶଂସା କରିଛନ୍ତି।

### ରାଜ୍ୟସ୍ତରୀୟ ନାଟ୍ୟମେଳା ତୃତୀୟ ସନ୍ଧ୍ୟା

## ନାଟକ 'ମଞ୍ଚମାୟା'ରେ ବିଭୋର ଦର୍ଶକ

ନୟାଗଡ଼, ୩।୩(ସମିସ): ବାସ୍ତବ ଦୁନିଆର ସମସ୍ୟା ସବୁବେଳ ମଞ୍ଚ ଦୁନିଆକୁ ଆଘାତ କରେ। ମାତ୍ର ମଞ୍ଚ ଦୁନିଆ କେବେ ମଧ୍ୟ ବାସ୍ତବ ଦୁନିଆକୁ ପ୍ରଭାବିତ କରେନା। ମଞ୍ଚମାୟାରେ କଳାକାର କିପରି ଭୁଲିଯାଏ ନିଜ ସଂସାର କଥା, ନିଜ ଦାୟିତ୍ୱ କଥା। ଏହା କ'ଣ ତା'ର ଦାୟିତ୍ୱହୀନତା ନା ଭାବପ୍ରବଣତାର ଉତ୍କଟ ପ୍ରକାଶ? ଏପରି ଏକ ଭିନ୍ନ ସ୍ୱାଦର ନାଟକରେ ଜଣେ ସଚ୍ଚୋଟ କଳାକାର ଆତ୍ମଲିପିକୁ ନିଖୁଣ ଭାବରେ ଅଭିନୟ ମାଧ୍ୟମରେ ପରିପ୍ରକାଶ କରାଯାଇଥିଲା। ନାଟକ 'ମଞ୍ଚମାୟା'ରେ ଜଣେ କଳାକାରର ବାସ୍ତବ ଜୀବନ ଏବଂ ମଞ୍ଚ ଦୁନିଆ ମଧ୍ୟରେ ଏକ ତୁଳନାତ୍ମକ ପରିପ୍ରକାଶ କଳାକାରଙ୍କ ନିଖୁଣ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ଯାହାକି ଦର୍ଶକଙ୍କୁ କିଛି ସମୟ ପାଇଁ ଭାବୁକ କରି ଦେଇଥିଲା। ଜିଲ୍ଲାର ଅଗ୍ରଣୀ ନାଟ୍ୟସଂସ୍ଥା 'ନାଟ୍ୟଧାରା' ଏବଂ ଜିଲ୍ଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ୪ର୍ଥ ରାଜ୍ୟସ୍ତରୀୟ ନାଟକ



ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଦର୍ଶକଙ୍କୁ ବିଭୋର କରିଥିଲା ଏହି ଭିନ୍ନ ସ୍ୱାଦର ନାଟକ 'ମଞ୍ଚମାୟା'। ରବିବାର ସନ୍ଧ୍ୟାରେ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମଠାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକକୁ ବିଶିଷ୍ଟ ନାଟ୍ୟକାର ଡ. ସଞ୍ଜୟ କୁମାର ହାତୀ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ଧୀର ବଶା। ଓମ୍ ନାଟ୍ୟ ସଂସ୍ଥା, ବାରିପଦା ପକ୍ଷରୁ ପରିବେଷିତ ଏହି ନାଟକରେ ଆଜି ଅତିଥି ଭାବେ ନୟାଗଡ଼ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁ ଯୋଗଦାନ କରିଥିବା ବେଳେ ନାଟ୍ୟଧାରା ପରିବାର ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ଡ. ବିଜୟ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଯୁବ ସାଂସଦ କାର୍ଯ୍ୟକ୍ରମ

ଗଣିଆ, ୩।୩(ସମିସ): ଭାରତ ସରକାରଙ୍କ କ୍ରୀଡ଼ା ଏବଂ ଯୁବ ବ୍ୟାପାର ଅଧୀନରେ ଥିବା ସ୍ୱୟଂ ଚାଳିତ ସଂସ୍ଥା ନେହରୁ ଯୁବ କେନ୍ଦ୍ରର ଜିଲ୍ଲାସ୍ତରୀୟ ଯୁବ ସାଂସଦ କାର୍ଯ୍ୟକ୍ରମ ରବିବାର ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ ଗଣିଆଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ କଲେଜ ଅଧ୍ୟକ୍ଷ ମଳୟ କୁମାର ପଣ୍ଡାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ନେହରୁ ଯୁବ କେନ୍ଦ୍ରର ପ୍ରୋଗ୍ରାମ ଅଫିସର ଅଶୋକ କୁମାର ବେହେରାଙ୍କ ଦ୍ୱାରା କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରାଯାଇଥିଲା। ମାଷ୍ଟର ଟ୍ରେନର ପ୍ରଶାନ୍ତ କୁମାର ଦାସଙ୍କ ଦ୍ୱାରା ନୂଆ ଭାରତ, ସଂକଳ୍ପ ଭାରତ ବିଷୟରେ ଯୁବକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସମାଜସେବୀ ଶୁଭାଶିଷ ମିଶ୍ରଙ୍କ ଦ୍ୱାରା ବାଲ୍ୟ ବିବାହ ଓ କନ୍ୟା ଭ୍ରୁଣହତ୍ୟା ରୋକିବାରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ଡଃ ଏଲ୍ଲେଡ କିଣ୍ଡସେଥ ଓ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଧିକାରୀ ସୌମ୍ୟରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗଣିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ଝୁନା ଜେନା ଯୋଗଦାନ କରି ଜିଲ୍ଲାର ସମସ୍ତ ବ୍ଲକର ୯ଟି କ୍ଲବ୍ ଓ ସମସ୍ତ ବ୍ଲକର କାର୍ଯ୍ୟରତ ଜାତୀୟ ଯୁବ ସ୍ୱେଚ୍ଛାସେବୀଙ୍କୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରିଥିଲେ। ପରିଶେଷରେ ଯୁବକ ଯୁବତୀଙ୍କ ମଧ୍ୟରେ ଯୁବ ପଡ଼ୋଶୀ କାର୍ଯ୍ୟକ୍ରମର ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକରୁ ୩୦୦ରୁ ଊର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ନେହରୁ ଯୁବକେନ୍ଦ୍ରର ସମସ୍ତ ସ୍ୱେଚ୍ଛାସେବୀ ଏବଂ କର୍ମଚାରୀ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମଧୁବୈଶ୍ୟ ସମାଜ ବାର୍ଷିକ ସାଧାରଣ ଅଧିବେଶନ




ନୟାଗଡ଼, ୩।୩(ସମିସ): ନୟାଗଡ଼ ତୁଳସୀପୁରଠାରେ ଥିବା ମଧୁ ବୈଶ୍ୟ ସମାଜର ୭୮ତମ ବାର୍ଷିକ ସାଧାରଣ ଅଧିବେଶନ ସଭାପତି ପ୍ରଣବ କୁମାର ବିଶୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମଧୁ ବୈଶ୍ୟ ସମାଜର ସମସ୍ତ ସାହିଭାଇ, କର୍ମକର୍ତ୍ତା ଓ ପଞ୍ଚରାଜ୍ୟର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଉକ୍ତ ଉତ୍ସବରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ବକ୍ତବ୍ୟରେ ମଧୁ ବୈଶ୍ୟ ସମାଜକୁ ଆସିଲେ ତାଙ୍କୁ ତାଙ୍କ ପରିବାର ଭିତରକୁ ଆସିବା ଭଳି ଲାଗେ। ମଧୁବୈଶ୍ୟ ସମାଜର ଲୋକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ପଦାର୍ଥ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ସମାଜର ଉପଦେଷ୍ଟା ସୁମନ କୁମାର ସାହୁ ସମାଜର କଲ୍ୟାଣ ମଣ୍ଡପ ନିର୍ମାଣର ଶ୍ରେୟ ବର୍ତ୍ତମାନର ସମସ୍ତ କର୍ମକର୍ତ୍ତା ମାନଙ୍କୁ ଦେଇଥିଲେ। ବିଧାୟକ ଯେଉଁଭଳି ଭାବେ ନୟାଗଡ଼ ଓଡ଼ଗାଁରେ ବିକାଶର ଧାରା ଜାରି ରଖିଛନ୍ତି ସେଥିରେ ଆମ ସମାଜ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଉତ୍ସବକୁ ସମାଜର ଉପସଭାପତି ଲୋକନାଥ ପାତ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ସହସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ସାହୁ, କୋଷାଧ୍ୟକ୍ଷ ଜଗନ୍ନାଥ ସାହୁ, ଗ୍ରୁପ ମେମ୍ବର ଭବାନୀ ପ୍ରସାଦ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ଅଧିବେଶନରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଅସହାୟ ବ୍ୟକ୍ତିଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଥିଲା।

### ୩ୟ ନୟାଗଡ଼ ସାହିତ୍ୟ ଉତ୍ସବ

## 'ସାହିତ୍ୟ ମଣିଷ ଜୀବନରେ ମହୁ ଭରିଦିଏ'

ନୟାଗଡ଼, ୩।୩(ସମିସ): ସାହିତ୍ୟ ହୃଦୟକୁ ଯୋଡ଼ିଥାଏ, ମଣିଷ ଭିତରେ ମଣିଷପଣିଆ ଭରିଥାଏ। ସାହିତ୍ୟ ବିପ୍ଳବ କରେ, ସାହିତ୍ୟ ହୃଦୟକୁ ତରଳାଇ ଦିଏ। ସାହିତ୍ୟ ମଣିଷ ଜୀବନରେ ମହୁ ଭରିଦିଏ ବୋଲି କହିଛନ୍ତି କବି ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ। ସ୍ଥାନୀୟ ବଲାଙ୍ଗୀ ବନ୍ଧ ପ୍ରମୋଦ ଉଦ୍ୟାନ ପରିସରରେ ତୃତୀୟ ନୟାଗଡ଼ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଡ. ସାହୁ କହିଲେ ଯେ ନୟାଗଡ଼ରେ ଲେଖକ ଓ କବିମାନଙ୍କ ମଧ୍ୟରେ ଏକତା ଅନନ୍ୟ। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାଏ ଆତ୍ମ ଅନୁଶୀଳନ ଓ ଆତ୍ମ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଇଥିଲେ। ସାହିତ୍ୟିକମାନେ ହିଁ ଏହା କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କଥାଶିଳ୍ପୀ ଡ. ଗୌରହରି ଦାସ କହିଥିଲେ ଯେ ଓଡ଼ିଆ ସାହିତ୍ୟ ବିଶ୍ୱକୁ ଦୟା ଓ କରୁଣା ଶିକ୍ଷା ଦେଇଛି। ନାରୀବାଦ ଓ ଜାତିବିରୋଧୀ ଆନ୍ଦୋଳନର ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ଆମର ନମସ୍ୟ କବି ବଳରାମ ଦାସ ଲକ୍ଷ୍ମୀପୁରାଣ ମାଧ୍ୟମରେ ମାନବିକତା ଓ ସମତାର ବାର୍ତ୍ତା ଦେଇଛନ୍ତି। ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଉଦ୍‌ଘାଟନୀ ସଭାରେ ସଭାପତିତ୍ୱ କରି କହିଥିଲେ ଯେ ନୟାଗଡ଼ ଲେଖକଙ୍କ ମଧ୍ୟରେ ସଦ୍ଭାବ ବଢ଼ାଇବା ଓ ସେମାନଙ୍କୁ ରାଜ୍ୟର ପ୍ରମୁଖ ସାହିତ୍ୟିକଙ୍କ ସହ ଯୋଡ଼ିବା ଏ ଉତ୍ସବର ଉଦ୍ଦେଶ୍ୟ। ଉତ୍ସବରେ ଜିଲ୍ଲାର ଆଠଟି ବ୍ଲକରୁ ଓ ଜିଲ୍ଲା ବାହାରରୁ ୭୦୦ରୁ ଅଧିକ ଲେଖକ ଓ ସାହିତ୍ୟ ଅନୁରାଗୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ



କଥାକାର ହାଡ଼ିବନ୍ଧୁ ମହାଖୁଡ଼ଙ୍କ ଗଳ୍ପ ସଂକଳନ 'ନିଆରା କଥା'କୁ ଉନ୍ମୋଚନ କରଥିଲେ ଅତିଥି। ଉଦ୍‌ଘାଟନୀ ସଭା ପରେ 'ସାହିତ୍ୟରୁ ପ୍ରାପ୍ତି' ଶୀର୍ଷକ ଆଲୋଚନାରେ ନିଜର ବକ୍ତବ୍ୟ ରଖିଥିଲେ ଡ. ବିଜୟ କୁମାର ଚୌଧୁରୀ, ଡ. ତପନ କୁମାର ପଣ୍ଡା, ଅଶୋକ କୁମାର ନାୟକ, ବିଶ୍ୱନାଥ ମହାପାତ୍ର ଓ ଡ. ବାନାମ୍ବର ପୃଷ୍ଟି। ପରେ 'ସାହିତ୍ୟର କୁହୁକ: ତାରୁଣ୍ୟର ମହକ' ଶୀର୍ଷକ ଆଲୋଚନାରେ ଭାଗ ନେଇଥିଲେ ଯୁବ ଲେଖକ ମିଯୋଗ ରଞ୍ଜନ ପାତ୍ର, ରଜତ କୁମାର ମିଶ୍ର, ସ୍ୱରୂପ କୁମାର ନାୟକ ଓ ସ୍ୱୟଂ ସମ୍ପନ୍ନା କର। ପରେ ହାଡ଼ିବନ୍ଧୁ ମହାଖୁଡ଼ଙ୍କ ସଭାପତିତ୍ୱରେ ଆୟୋଜିତ ବ୍ୟଙ୍ଗ ସମ୍ମାନରେ ବକ୍ତବ୍ୟ ରଖିଥିଲେ ଗଦାଧର ନନ୍ଦ ଓ ଡ. ଗିରୀଶ ରଞ୍ଜନ। ମୁଖ୍ୟ ମଞ୍ଚ ବାହାରେ ଅନ୍ୟ ଏକ ସମାନ୍ତରାଳ ମଞ୍ଚରେ ୫ଟି କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୨୨୩ ଜଣ କବି କବିତା ପଢ଼ିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ। ଏଥିରେ ବିଶିଷ୍ଟ ନାଟ୍ୟକାର ଡ. ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ଓ ସମାଜସେବୀ ପ୍ରମୋଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କବିତା ପଢ଼ିଥିବା କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ମୃତି ଫଳକ ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। କବିତା ପାଠୋତ୍ସବରେ ପ୍ରଧାନି ବୃନ୍ଦାବନ ମହାପାତ୍ର, ବସିରନ ବିବି, ଡ. ଆଶୁତୋଷ ମିଶ୍ର, ଗୋଦାବରୀଶ ମିଶ୍ର, ଡ. କୈଳାଶ ବାଣ୍ଟ, ବିରଞ୍ଚି ନାରାୟଣ ତ୍ରିପାଠୀ, ଡ. ସୁକାନ୍ତି ମହାନ୍ତି, ମହମ୍ମଦ ଆଜାଦ, ଶରତ ଚନ୍ଦ୍ର ଆଚାର୍ଯ୍ୟ, ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଂଯୋଜନା କରିଥିଲେ ଯଜ୍ଞଦତ୍ତ ରଥ, କାଦମ୍ବିନୀ ମହାପାତ୍ର, ଶ୍ରାବଣୀ ନାଥ, ଯଶୋବନ୍ତ ପଟ୍ଟନାୟକ, ଜୟଶ୍ରୀ ଦେବୀ, ରଞ୍ଜନ କୁମାର ଦାଶ, ସ୍ମିତା ସ୍ୱାଇଁ, ନୀଳିମା ନନ୍ଦ ଓ ଗୋପୀନାଥ ସେଠୀ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କବି ଓ ସଂଗଠକ ଶେଖ୍ ଅବଦୁଲ ଖାଲିକ।

**■ ଏକାଠି ହେଲେ ୭୦୦ରୁ ଊର୍ଦ୍ଧ୍ୱ ଲେଖକ**

## ଶିଶୁ ଖାଇଲେ ପୋଲିଓ ବୁନ୍ଦା



**ଖୋର୍ଦ୍ଧା, ୩।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପଲସ ପୋଲିଓ କାର୍ଯ୍ୟକ୍ରମ ରବିବାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ପିଲାଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ୬୨୦ ବୁଥରେ ୧୨୮ ୭୪୪ଜଣ ୦-୫ବର୍ଷ ପିଲାଙ୍କୁ ପୋଲିଓ ଟିକା ଦିଆଯିବା ଲକ୍ଷ୍ୟ ରହିଛି। ଏଥିରେ ୨୪୮୦ ଜଣ ଟିକାପ୍ରଦାନକାରୀ, ୧୨୦ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ଏତଦ୍ ବ୍ୟତୀତ ୪୦ଟି ଟ୍ରାଞ୍ଜିଟ ଟିମ, ୨୨ ମୋବାଇଲ ୟୁନିଟ୍ ଦୁର୍ଗମ ଅଞ୍ଚଳ ଏବଂ ବସ୍‌ଷ୍ଟପ, ରେଲୱେ ଷ୍ଟେସନ ମାନଙ୍କରେ ପିଲାଙ୍କୁ ଟିକାକରଣ ପାଇଁ ନିଯୁକ୍ତ ଦିଆଯାଇଛି। କୌଣସି ଶିଶୁ ଯେପରି ଟିକାକରଣରୁ ବଞ୍ଚିତ ନହୁଅନ୍ତି ସେଥିଲାଗି ସମସ୍ତ ୧୦ଟି ବ୍ଲକ ଓ ୨ଟି ପୌର ପରିଷଦ ଅଞ୍ଚଳରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି ବୋଲି ସିଡିଓ ଆଣ୍ଡ ପିଏଚ ଡା. ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଡିଏମଓ (ଏପଡବ୍ଲ୍ୟୁ) ଡା. ରଘୁନାଥ ନାୟକ, ଏଡିପିଏଚସିଓ (ଲେପର୍ସି) ଡା.ଇନ୍ଦିରା କୁମାରୀ ରଥଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଶ୍ମଶାନ ନୁହଁ; ଜଙ୍ଗଲ ଭିତରେ ଶବଦାହ

**ଜଟଣୀ, ୩।୩(ସମିସ)**




ଲୋକେ କିପରି ଶ୍ମଶାନରେ ସମସ୍ତ ସୁବିଧାର ସହ ଶବଦାହ କରିପାରିବେ ସେ ନେଇ ସରକାରଙ୍କ ପକ୍ଷରୁ ପଞ୍ଚାୟତସ୍ତରରେ ପ୍ରତି ଶ୍ମଶାନକୁ ପୁନରୁଦ୍ଧାର କରାଯାଉଛି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଶ୍ମଶାନ ପୁନରୁଦ୍ଧାର କରାଯାଉ ଥିଲେ ମଧ୍ୟ ଅନେକ ସ୍ଥାନରେ ଏବେବି ପରିତ୍ୟକ୍ତ ଅବସ୍ଥାରେ କିଛି ଶ୍ମଶାନ ରହିଛି। ପ୍ରଶାସନର ଅବହେଳା ପାଇଁ ସାଧାରଣ ଲୋକମାନେ ଶବଦାହ ସମୟରେ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁର ଶ୍ମଶାନ ବ୍ରିଟିସ୍ ଅମଳରୁ ତିଆରି ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜଙ୍ଗଲ ପାଲଟିବାକୁ ବସିଲାଣି। ଫଳରେ ଲୋକମାନେ ଭୟଭୀତ ଅବସ୍ଥାରେ ଶବଦାହ କରୁଥିବା ବେଳେ ବିଶେଷ କରି ରାତି ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କୌଣସି ପକ୍ଷକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଶ୍ମଶାନର ପୁନରୁଦ୍ଧାର ପାଇଁ ଲକ୍ଷାଧିକ ଟଙ୍କା ଆସିଥିଲେ ମଧ୍ୟ କାମ ନ ହେବାକୁ ନେଇ ଅନନ୍ତୋଷ ଦେଖାଦେଇଛି। ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୧୧ନଂ ୱାର୍ଡରେ ରାମଚନ୍ଦ୍ରପୁର ସ୍ମଶାନ ଅବସ୍ଥିତ। କୁହାଯାଏ, ଏହି ଶ୍ମଶାନ ବ୍ରିଟିସ୍ ଅମଳରେ ଗ୍ରାମବାସୀ ବ୍ୟକ୍ତିଗତ ଜାଗାରେ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରିଥିଲେ। ଏହା ଉପରେ ୯, ୧୦ ଓ ୧୧ ନଂ (କିଛି ଅଂଶ) ୱାର୍ଡର ଅଞ୍ଚଳବାସୀ ନିର୍ଭର କରନ୍ତି। ନୂଆଗାଁ, ରାମଚନ୍ଦ୍ରପୁର, ବିକାଶନଗର, ପାଇକରାପୁର, ଭୋଇସାହି, ତେଲି ସାହି, ବ୍ରାହ୍ମଣ ସାହି ସହ ଅନ୍ୟ କିଛି ଅଞ୍ଚଳର ଲୋକଙ୍କର ଏଠାରେ ଶବଦାହ କରାଯାଇ ଆସୁଛି। କିଛି ବର୍ଷ ହେଲା ଶ୍ମଶାନର ରକ୍ଷଣାବେକ୍ଷଣ ଅଭାବରୁ ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ଶ୍ମଶାନସାରା ଅନାବନା ଗଛଉଠି ଜଙ୍ଗଲ ପାଲଟି ଗଲାଣି। ଫଳରେ ଶବଦାହ ଗୃହ ପର୍ଯ୍ୟନ୍ତ ଶବ ନେବା କଷ୍ଟକର ହେଉଛି। ଲୋକମାନେ ଶ୍ମଶାନ ଭିତରକୁ ପ୍ରବେଶ କରିବାକୁ ଭୟ କରୁଛନ୍ତି। ସେହିପରି ଦିନ ବେଳା କଷ୍ଟେ ମଷ୍ଟେ କାମ ଚଳିଯାଉଥିବା ବେଳେ ରାତିରେ ଶବଦାହ କରିବାରେ ବହୁ ସମସ୍ୟା ଦେଖାଦେଉଛି। ଲାଇଟ୍, ପାଣିର ସୁବିଧା ନ ଥିବାରୁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ଗୋଟିଏ ଶବଦାହ ଗୃହର ଛାତରେ ଅନ୍ୟ ଏକ ଛାତ ନ ଥିବା କାରଣରୁ ଲୋକମାନେ ତଳେ ମାଙ୍କଡା ପଥର ପକାଇ ଶବଦାହ କରୁଥିବା ଦେଖିବାକୁ ମିଳିଛି। ତୁରନ୍ତ ଏକ ଶବଦାହ ଘର କରିବାକୁ ଦାବି ହୋଇଛି। ଏ ନେଇ ଅଞ୍ଚଳର ସୀତାକାନ୍ତ ଶତପଥୀ କହିଛନ୍ତି ଯେ, ଏହି ଶ୍ମଶାନ ଆମ ବାପା, ଜେଜେବାପା ଅମଳରୁ ନିର୍ମାଣ ହୋଇଛି। ପରେ ଆମେ ରକ୍ଷଣାବେକ୍ଷଣ କରି ଆସୁଥିଲୁ। କିନ୍ତୁ ଏବେ ତାହା କୃତ୍ରିମ ଜଙ୍ଗଲ ପାଲଟିଗଲାଣି। ଏନେଇ ୱାର୍ଡ କାଉନ୍‌ସିଲର ଦିଲ୍ଲୀପ ମାର୍ଥା କହିଛନ୍ତି, ଏହି ଶ୍ମଶାନର ଉନ୍ନତୀକରଣ ପାଇଁ ୨ଲକ୍ଷ ଟଙ୍କା ଆସିଛି। ଏଥିରେ କେବଳ ଶ୍ମଶାନ ପାଚେରି ଓ ସଫେଇ କାମ କରାଯିବ। ପରବର୍ତ୍ତୀ ସମୟରେ ପୁଣି ଟଙ୍କା ଆସିଲେ ଅନ୍ୟ ପ୍ରକଳ୍ପ କାମ କରାଯିବ। ଆସନ୍ତା ଏକ ମାସ ଭିତରେ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଡ୍ରେନେଜ୍ ସମସ୍ୟାରୁ ଆବର୍ଜନା ପାଣିରେ ଯାତାୟାତ

**ବେଗୁନିଆ, ୩।୩(ସମିସ):** ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ବଡ ତୁଳସୀପୁର ଗ୍ରାମର ରାମଦାସ ଘରଠାରୁ ନରଗାଡ଼ିଆ ପର୍ଯ୍ୟନ୍ତ ରାସ୍ତା ଓ ଡ୍ରେନ ନିର୍ମାଣ ପାଇଁ ଜିଲ୍ଲାପରିଷଦ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଥିଲା। ଏଥିରେ ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୭୦ହଜାର ଟଙ୍କା ବ୍ୟୟ ବରାଦ ହୋଇ କଂକ୍ରିଟ ରାସ୍ତା ନିର୍ମାଣ



ହୋଇଥିବା ବେଳେ ଡ୍ରେନ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ହୋଇପାରି ନଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜନସାଧାରଣ ରାସ୍ତାଟିରେ ଡ୍ରେନ ନଥିବାରୁ ପୂତି ଗନ୍ଧମୟ ପରିବେଶ ଆବର୍ଜନା ଯୁକ୍ତ ପାଣି ଦେଇ ପ୍ରତିଦିନ ଯାତାୟାତ କରୁଛନ୍ତି। ଏହି ପରିବେଶ ମଶା ଓ ବିଷାକ୍ତ ଜୀବଙ୍କ ବଂଶ ବିସ୍ତାର କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇ ପାରିଛି। ଏଥିପାଇଁ ଗ୍ରାମର ଗୋକୁଳାନନ୍ଦ ତ୍ରିପାଠୀ, ସନ୍ତୋଷ କୁମାର ସାହୁ ଓ ଭରତ ଚନ୍ଦ୍ର ସାହୁଙ୍କ ସମେତ ଜିଲ୍ଲାପାଳ ଓ ସାଂସଦଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବାରୁ ଗଣ ମାଧ୍ୟମ ଆଗରେ କହିଛନ୍ତି।

## ବୋମାମାଡ଼ ଘଟଣାରେ ଆଉ ଜଣେ ଗିରଫ

**ଜଟଣୀ, ୩।୩(ସମିସ):** ବେଣାପଞ୍ଜରୀ ନୂଆ ମୁସଲିମ୍ ସାହିରେ ଶୁକ୍ରବାର ରାତିରେ ବୋମା ମାଡ଼ ଘଟଣାରେ ରବିବାର ପୁଲିସ ଆଉ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବେଣାପଞ୍ଜରୀର ଏରସାଦ୍ ଓରଫ୍ କୁନୁ (୨୫)। ସୂଚନାଯୋଗ୍ୟ ଯେ, ଶୁକ୍ରବାର ରାତିରେ ମୁସଲିମ୍ ସାହିରେ ଅଭିଯୁକ୍ତ ମାନେ ଯୁବକଙ୍କୁ ଟାର୍ଗେଟ କରି ବୋମା ମାଡ଼ କରିଥିଲେ। ଶବ୍ଦ ଶୁଣି ଗ୍ରାମବାସୀ ଦୌଡ଼ି ଆସି ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରିଥିବା ବେଳେ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ



କରିବା ସହ ଧମକ ଦେଇ ସାଙ୍ଗରେ ଆଣିଥିବା ଦୁଇଟି ବାଇକ୍ ଓ ଗୋଟିଏ ମୋବାଇଲ୍ ଛାଡ଼ି ପଳାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ସହ କିଛି ସୁତୁଲି ବୋମା ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଉଠାଇ ଆଣି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଶନିବାର ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ରବିବାର ଅନ୍ୟଜଣେ ସହଯୋଗୀକୁ ଗିରଫ କରିଛି।

## ନାବାଳିକାଙ୍କ ଆତ୍ମହତ୍ୟା

**ଖୋର୍ଦ୍ଧା, ୩।୩(ସମିସ):** ସଦରଥାନା ଅନ୍ତର୍ଗତ ଦଳେଇପୁଟ ଗ୍ରାମରେ ଜନୈକ ୧୭ବର୍ଷର +୨ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ପୁଲିସ ପହଁଞ୍ଚôଚ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସଦରଥାନା ପୁଲିସ ସୂଚନା ଅନୁସାରେ, ଛାତ୍ରୀ ଜଣକ ଭୁବନେଶ୍ୱରର ଏକ ଘରୋଇ କଲେଜରେ +୨ ରେ ପଢୁଥିଲେ। ତାଙ୍କର ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷା ଚାପ ଯୋଗୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

### କଳିଙ୍ଗ କ୍ରିକେଟ କପ୍ ୨୦୨୪

# ଭାଲିଆବାଡ଼ିକୁ ହରାଇ ଅଟ୍ରି ବିଜୟୀ

**ଖୋର୍ଦ୍ଧା, ୩।୩(ସମିସ):** ଖୋର୍ଦ୍ଧା ଉପକଣ୍ଠ ପାନବରଜ ଖେଳ ପଡ଼ିଆରେ ରବିବାର କଳିଙ୍ଗ କ୍ରିକେଟ କପ୍‌ର ଉଦଘାଟିତ ହୋଇଛି। ଅତିଥିଭାବେ ବେଗୁନିଆ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ଜିଲ୍ଲା ଯୁବ ବିଜେଡି ପର୍ଯ୍ୟବେକ୍ଷକ ଅବ୍ୟକ୍ତ ହରିହର ଖାଡଙ୍ଗା, ପଲ୍ଲା ସରପଞ୍ଚ ପ୍ରତିନିଧି ଅରବିନ୍ଦ ମହାନ୍ତି, ସମାଜସେବୀ ନରୋତ୍ତମ କହଲସିଂ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହି ଖେଳାଳି ତଥା ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଅଟ୍ରି ଓ ଭାଲିଆବାଡ଼ି ମଧ୍ୟରେ ହୋଇଛି। ପ୍ରଥମେ ଟସ୍ ଜିତି ଭାଲିଆବାଡି ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୨୪ ଓଭର ରେ ସମସ୍ତ ୱିକେଟ ହରାଇ ୧୮୯ ରନ କରିଥିଲେ।



ଜବାବରେ ଅଟ୍ରି ଦଳ ସଂଗ୍ରାମ ମାଝୀଙ୍କ ୭୨ରନ ଓ ପପୁ ଚାନ୍ଦଙ୍କ ୨୫ ରନ ସହାୟତାରେ ୨୧ ଓଭର ରେ ନିର୍ଦ୍ଧାରିତ ୧୯୦ ରନ ୪ ୱିକେଟ ହରାଇ ସଂଗ୍ରହ କରିବା ସହ ମ୍ୟାଚ୍‌କୁ ୬ ୱିକେଟରେ ଜିତି ନେଇଥିଲେ। ଅଟ୍ରି ଦଳର ସଂଗ୍ରାମ ମାଝୀ ଆଜିର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଅସିତ୍ କୁମାର ଶତପଥୀ ଓ ପ୍ରକାଶ କୁମାର ପଟ୍ଟନାୟକ ପରିଚାଳନା କରିଥିବା ବେଳେ ଅମିତ୍ କୁମାର ବେହେରା, ଧୀରେନ୍ ତ୍ରିପାଠୀ, ସୁନିଲ କୁମାର ରାଉତରାୟ, ଆଇନଜୀବୀ ଅଶେଷ ରାଉତ, ରାଜେନ୍ଦ୍ର ବେହେରା ଓ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ୍ ପାନବରଜର ସମସ୍ତ କର୍ମକର୍ତ୍ତା ଆୟୋଜନରେ ସହାୟତା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଖୋର୍ଦ୍ଧା, ୩।୩(ସମିସ):** ଖୋର୍ଦ୍ଧା ଉପକଣ୍ଠ ପାଇକ ତିଗିରିଆ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ନିରଞ୍ଜନ ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠଶିକ୍ଷକ ସ୍ୱାଗତ, ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ପଣ୍ଡା, ହରେକୃଷ୍ଣ ସାଧୁଆ, ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି, ଗୋକୁଳାନନ୍ଦ ସାମନ୍ତସିଂହାର, ପ୍ରମୋଦ ବାରିକ, ରସିକ ମହାପାତ୍ର, ରମାମଣି ଜେନା, ଛାତ୍ରଛାତ୍ରୀ ବିଦାୟୀ ୪ର୍ଥ ଶ୍ରେଣୀ କର୍ମଚାରୀ ନିରଞ୍ଜନ ସାହୁଙ୍କ ଦୀର୍ଘ ୩୫ ବର୍ଷର କାର୍ଯ୍ୟ ସଫଳତା, ନିଷ୍ଠା, ସମୟାନୁବର୍ତ୍ତିତା ସମ୍ପର୍କରେ ବଖାଣି ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନିରଞ୍ଜନ ସାହୁ ସଂଯୋଜନା କରିଥିଲେ। ଏଥିରେ ସଲିଳା ପଟ୍ଟନାୟକ, ଗୀତା ସେନ, ପିଣ୍ଟୁ ବେହେରା, ସାମୁଏଲ ଗମାଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସାବିତ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଲିପ-ସଞ୍ଜୀବ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ / ରଘୁନାଥ କ୍ଲବ୍ ଟାଙ୍ଗୀ ଚାମ୍ପିଅନ

**କାଲୁପଡ଼ାଘାଟ, ୩।୩(ସମିସ):** ଟାଙ୍ଗୀ ବଡପାରୀ ସ୍ପୋର୍ଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଦିଲିପ-ସଞ୍ଜୀବ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।

ରବିବାର ଫାଇନାଲ ମ୍ୟାଚ୍‌ରେ ଟାଙ୍ଗୀ ରଘୁନାଥ କ୍ଲବ୍ ଓ ଖୋର୍ଦ୍ଧା - ୭୨ ଫୁଟବଲ କ୍ଲବ୍ ମଧ୍ୟରେ ହୋଇଥିଲା। ରଘୁନାଥ କ୍ଲବ୍ ୩-୧ ଗୋଲରେ ଖୋର୍ଦ୍ଧା ଦଳକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ସଭାପତି ରମାକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେଡି ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ମୁଖ୍ୟବକ୍ତା ବଡପାରୀ ସରପଞ୍ଚ ସମାଜ ସେବୀ ମାନସ ରଞ୍ଜନ ସ୍ୱାଇଁ, ପ୍ୟାରୀମୋହନ ମହାପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ଅକ୍ଷୟ କୁମାର ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ



କରିଥିଲେ। ଖେଳ ପରିଚାଳନା କରିଥିଲେ ପ୍ରଫୁଲ୍ଲ କୁମାର ବେହେରା, ବିଦେଶୀ ନାୟକ, ରାଜ କିଶୋର ସାହୁ ଓ କୃଷ୍ଣ ଚନ୍ଦ୍ର ବେହେରା। ଆୟୋଜକ କମିଟି ଉପଦେଷ୍ଟା ବିଚ୍ଛେଦ ଜୟସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସମ୍ପାଦକ ନନ୍ଦ କିଶୋର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କମିଟି ସଦସ୍ୟ ଭବାନୀ ଶଙ୍କର ଦାସ, ଅମୂଲ୍ୟ ବିଶ୍ୱାଳ, ପ୍ରଭାକର ଭୁଜବଳ, ଶିବପ୍ରସାଦ ବେହେରା, ବିକ୍ରମ ବାଘ ସିଂଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କପିଳେଶ୍ୱର ଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ

**ନିରାକାରପୁର, ୩।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ପ୍ରସିଦ୍ଧ ଡିଆ କପିଳେଶ୍ୱର ଦେବଙ୍କ ପୀଠରେ ୪ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଶତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ସୂଚନାଯୋଗ୍ୟ କି କପିଳେଶ୍ୱର ଦେବଙ୍କ ଶାକ୍ତ ତାନ୍ତ୍ରିକ ପୀଠରେ ଶତ ଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ଅନୁଷ୍ଠିତ ହେବ। ଏହି ମହାଯଜ୍ଞରେ ପ୍ରତିଦିନ ହୋମ, ଯଜ୍ଞ, ସୂର୍ଯ୍ୟ ପୂଜା ଓ ଠାକୁରଙ୍କ ପୂଜା ଅର୍ଚ୍ଚନା କରାଯିବ। ୪ ତାରିଖରେ କଳସ ଯାତ୍ରା ଅନୁଷ୍ଠିତ ହୋଇ ଯଜ୍ଞ ପୀଠରେ ଘଟ ପ୍ରତିଷ୍ଠା କରାଯିବ। ୮ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ। ଏହି ଯଜ୍ଞ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେବାକୁ ଯଜ୍ଞ କମିଟି ସଭାପତି ଡ ସଞ୍ଜୟ କୁମାର ମହାପାତ୍ର ଅନୁରୋଧ କରିଛନ୍ତି

## ସେଞ୍ଚୁରୀୟନ ବିଶ୍ୱବିଦ୍ୟାଳୟରେ ଚକ୍ଷୁ ଚିକିତ୍ସା ଶିବିର



**ଜଟଣୀ, ୩।୩(ସମିସ):** ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ପାରାମେଡିକ ଆଣ୍ଡ ଆଲାଏଡ ହେଲଥ ସାଇନ୍ସେସ୍ ତରଫରୁ 'ୟୋର ଭିଜନ ଆୱାର ମିଶନ' ସ୍ଲୋଗାନକୁ ନେଇ ଜଟଣୀସ୍ଥିତ ପଞ୍ଚାୟତ ଗୁଡିକରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଏଲଟିଆଇ ମାଇଣ୍ଡଟ୍ରି ସହଯୋଗରେ କରାଯାଉଛି। ଶନିବାର ଯାଆଁଳା ପଞ୍ଚାୟତରେ ଚକ୍ଷୁ ଚିକିତ୍ସା ଶିବିର ଏବଂ ମାଗଣା ଚଷମା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ୧୪୪ ଜଣ ହିତାଧିକାରୀ ନିଜର ଚକ୍ଷୁ ପରୀକ୍ଷଣ କରାଇଥିଲେ ଏବଂ ସେମାନଙ୍କୁ ମାଗଣା ଚଷମା ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାଆଁଳା ପଞ୍ଚାୟତ ର ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ପରବର୍ତ୍ତି ଶିବିର ଗୁଡିକ ନିକଟସ୍ଥ ପଞ୍ଚାୟତ ଗୁଡିକରେ ବିଶ୍ୱବିଦ୍ୟାଳୟ ତରଫରୁ ଆୟୋଜନ କରାଯିବାର ଯୋଜନା ରହିଛି।

## ପୋଲିଓ ଦିବସ ପାଳିତ

**ନିରାକାରପୁର, ୩।୩(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ନିରାକାରପୁର ପଞ୍ଚାୟତ ହସ୍ପିଟାଲ ଓ ଷ୍ଟେସନ ପ୍ଲାଟଫର୍ମ ଠାରେ ପୋଲିଓ ଦିବସ ପାଳିତ ହୋଇଯାଇଛି। ନିରାକାରପୁର ସରକାରୀ ହସ୍ପିଟାଲ୍ ଡାକ୍ତର ଯୋଗ ଦେଇ ସାମୂହିକ ପୋଲିଓ ଟୀକାକରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ପୋଲିଓ ରୋଗର କାରଣ ଓ ନିରାକରଣ ଉପରେ ବୁଝାଇଥିଲେ। ସେହିପରି ଆମ ଦେଶରୁ ବିଗତ ଦିନ ଅପେକ୍ଷା ପୋଲିଓ



ରୋଗ କମିଥିଲେ ମଧ୍ୟ ଅନ୍ୟ ଦେଶରେ ଏହାର ପ୍ରଭାବ ରହିଛି। ସରକାରଙ୍କ ପ୍ରଥମ ପଦକ୍ଷେପ ରୂପେ ସ୍ୱାସ୍ଥ୍ୟ ହିଁ ସମ୍ପଦକୁ ଦୃଷ୍ଟିରେ ରଖି ପୋଲିଓ ନିରାକରଣ ପଦକ୍ଷେପ ନିଆଯାଇଛି।ତେଣୁ ସବୁସ୍ତରରେ ଆମେ ପୋଲିଓ ବୁନ୍ଦାକୁ ୦-୫ ବର୍ଷ ପିଲାଙ୍କୁ ଖୁଆଇବା ସହିତ ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଗଠନ ରେ ସହାୟକ ହେବା ଜରୁରୀ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ସହଯୋଗ କରିଥିଲେ।

# ଅଂଶୁଘାତ ମୁକାବିଲା ପ୍ରସ୍ତୁତି ବୈଠକ: ସଚେତନ ରହିବାକୁ ପରାମର୍ଶ

**ଖୋର୍ଦ୍ଧା, ୩।୩(ସମିସ)**

ଜିଲ୍ଲା ପ୍ରଶାସନ ପକ୍ଷରୁ ଅଂଶୁଘାତ ମୁକାବିଲା ନେଇ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାପାଳ ରଞ୍ଜଳ ରାଣା ସଭାପତିତ୍ୱ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବସଷ୍ଟାଣ୍ଡ ଓ ଜନଗହଳି ସ୍ଥାନରେ ସଚେତନତା ପୋଷ୍ଟର ଲଗାଇବେ। ଜଳକଷ୍ଟ ଦୂର ପାଇଁ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ଆରଡବ୍ଲ୍ୟୁଏସଏସ ନିଜ ସ୍ତରରେ ପାନୀୟଜଳ ବ୍ୟବସ୍ଥା କରିବେ। ଅଚଳ ନଳକୂପ କୁ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କେନାଲରେ ପର୍ଯ୍ୟାପ୍ତ ମାତ୍ରାରେ ପାଣି ଛାଡିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରେ ସଙ୍ଘସହାୟିକା ଗୋଷ୍ଠି ସରପଞ୍ଚଙ୍କ




ସହଯୋଗରେ ଜଳଛତ୍ର ଖୋଲିବେ। ଗୃହହୀନ ଓ ନିରାଶ୍ରୟଙ୍କ ପାଇଁ ବିଏମସି' ଆଶ୍ରୟସ୍ଥଳୀରେ ବ୍ୟବସ୍ଥା କରିବେ। ମତ୍ସ୍ୟ ବିଭାଗ ନିଜସ୍ତରରେ ସଚେତନ କରିବେ। ସ୍କୁଲକୁ ଆସୁଥିବା ପିଲାମାନେ ଯେପରି ସାଥରେ ପାଣିବୋତଲ, ଛତା ଧରି ଆସିବେ ଏଥିଲାଗି ଜିଲା ଶିକ୍ଷାଧିକାରୀ ବ୍ୟବସ୍ଥା କରିବେ। ଅଙ୍ଗନବାଡି କେନ୍ଦ୍ର ଓ ସ୍କୁଲ ସକାଳ ୭.୩୦ ରୁ ୯.୩୦ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗର୍ଭବତୀ ଓ ଶିଶୁଙ୍କ ଯତ୍ନ ତଦାରଖ କରିବେ। ପୂର୍ବାହ୍ନ ୧୧ଟା ଠାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ ଖରାରେ କାମ ନକରିବାକୁ ଶ୍ରମ ବିଭାଗ ଏଥିପ୍ରତି ଦୃଷ୍ଟି ଦେବେ। ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ ତଥା ସୂଚନା ଦେଇ ବିଦ୍ୟୁତ ଜନିତ ସମସ୍ୟା ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ସମସ୍ତ ମେଡିକାଲରେ ପର୍ଯ୍ୟାପ୍ତ ମାତ୍ରାରେ ଓଆରଏସ, ହାଲୋଜେନ ଟାବଲେଟ ରଖିବେ। ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ପରିସର ରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାରଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱୀୟରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ। ଏଥିସହିତ ଅଂଶୁଘାତ ଜନିତମୃତ୍ୟୁକୁ ମେଡିକାଲ ଅଫିସର, ରାଜସ୍ୱ ନିରକ୍ଷକଙ୍କ ମିଳିତ ଅନୁସନ୍ଧାନ ପରେ ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ, ସିଡିଏମଓ ଡା. ରାଜଶ୍ରୀ ପଟ୍ଟନାୟକ, ଅତିରିକ୍ତ ଏସପି ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଡକାୟତି ଯୋଜନା ପଣ୍ଡ

# ୫ ଜଣିଆ ଲୁଟେରା ଗ୍ୟାଙ୍ଗ ଗିରଫ



**ଜଟଣୀ, ୩।୩(ସମିସ):** ଜଟଣୀ ଥାନା ଅନ୍ତର୍ଗତ ରେତଙ୍ଗ କଲୋନୀ ଅଞ୍ଚଳରେ ବିଳମ୍ବିତ ରାତିରେ ଡକାୟତ କରିବାକୁ ଯୋଜନା କରୁଥିବା ବେଳେ ପୁଲିସ ଅତର୍କିତ ଚଢ଼ଉ କରି ୫ ଜଣିଆ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି। ଏନେଇ ରବିବାର ଜଟଣୀ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋନ-୩ ଏସିପି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଗଜପତି ନଗରର ସଞ୍ଜୟ ଦାସ ଓରଫ୍ ପାପୁନି (୨୬), ଗଜପତି ନଗରର ସୁଜିତ କୁମାର ବିଶ୍ୱାଳ ଓରଫ୍ ବାପୁ (୨୭), ବାଲିଛକ ମୁଣ୍ଡିଆ ସାହିର ସୟଦ ଫୟାଜ୍ (୩୦), ରାଜା ବଜାରର ସୋହେଲ ଖାନ (୨୨) ଓ ବାଲିଛକ ମୁଣ୍ଡିଆ ସାହିର ଏସ୍‌କେ ଆବିଦ (୨୯)। ପୁଲିସ ସେମାନଙ୍କ ନିକଟରୁ ଲୁହା ଶାବଳ, ଛୁରୀ, ଲଙ୍କା ପାଉଡର, ଲୁହା ରଡ୍, ମଦ ବୋତଲ, ସିଗାରେଟ୍, ଲାଇଟର ଜବତ କରିଛି। ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଏକାଧିକ ମାମଲା ରହି ଥିବା ବେଳେ ଏମାନେ ବାରମ୍ବାର ଜେଲରୁ ଫେରି ପୁଣି ଲୁଟ୍ କରୁଥିଲେ। ସୂଚନାଯୋଗ୍ୟ, ଶନିବାର ରାତିରେ ରେତଙ୍ଗ କଲୋନି ସ୍ଥିତ ରେଲ୍‌ୱେ ମଣ୍ଡପ ପଛ ପଟେ ଅନ୍ଧାରୁଆ ସ୍ଥାନରେ ବସି ଲୁଟ୍ କରିବାକୁ ଅଭିଯୁକ୍ତମାନେ ଯୋଜନା କରୁଥିଲେ। ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଖବର ପାଇ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲା। ଥାନାକୁ ଆଣି ପଚରାଉଚରା ବେଳେ ଅଭିଯୁକ୍ତମାନେ କଲୋନୀକୁ ଟାର୍ଗେଟ କରି ଲୁଟ୍ ଯୋଜନା କରୁଥିଲେ। ଶନିବାର ଲୁଟ୍ ଯୋଜନା କରୁଥିବା ବେଳେ ପୁଲିସ ଅତର୍କିତ ଚଢ଼ଉ କରି ଯୋଜନା ପଣ୍ଡ କରିଥିଲା। ଏ ନେଇ ଥାନାରେ କେସ ନଂ ୮୭/୨୪ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ। ତେବେ ଅଭିଯୁକ୍ତମାନେ ପେଷାଦାର ଅପରାଧୀ ହୋଇଥିବା ବେଳେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ଜୋନ୍ ଏସିପି ସୂଚନା ଦେଇଛନ୍ତି।

